୬ ବୈଭବଙ୍କ ଅନ୍ତର୍ଜାତୀୟ ଡେବ୍ୟୁ ପୂର୍ବରୁ ଡାରେଲ କଲିନନ୍‌ଙ୍କ ବଡ଼ ଚେତାବନୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika ™

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବର୍ଣ୍ଣେୟ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୪୩ ● ୨୩ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-143 ● 23rd June 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ : ଜିରୋ କାଜୁଆଲ୍‌ଟି ଆମର ସଙ୍କଳ୍ପ

# ବିପର୍ଯ୍ୟୟ ପରିଚାଳନାରେ ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ




ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ସୋମବାର ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ' ହୋଲ ଅଫ୍ ଗଭର୍ଣ୍ଣମେଣ୍ଟ' ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର 'କଣ୍ଟିଜେନ୍ସି ପ୍ଲାନ' ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଂ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ (ପୃଷ୍ଠା ୭ରେ)

## କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ : ୧୫ ପିଲା ଜୀବନ୍ତ ଦଗ୍ଧ

ଲକ୍ଷ୍ନୌ, ୨୨।୬

କୋଚିଂ ସେଣ୍ଟରରେ ନିଆଁ ଲାଗି ଜୀଅନ୍ତା ଜଳିଗଲେ ୧୫ ଜଣ ଛାତ୍ରଛାତ୍ରୀ। ଆଉ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଜୀବନ ବଞ୍ଚାଇବାକୁ ନିଆଁ ଭିତରୁ ଡେଇଁ ପଡିଥିଲେ ଅନେକ ଛାତ୍ରଛାତ୍ରୀ। କୋଚିଂ ସେଣ୍ଟର ଭିତରେ ଚାଲିଥିଲା ପାଠପଢ଼ା। ହେଲେ କିଛି ମିନିଟ୍ ଭିତରେ ସବୁକିଛି ବଦଳିଗଲା। ଧୂଆଁ, ନିଆଁ ଆଉ ଚିତ୍କାରରେ ଥରି ଉଠିଥିଲା ଉତ୍ତରପ୍ରଦେଶର ଲକ୍ଷ୍ନୌର ଆଲିଗଞ୍ଜ ଅଞ୍ଚଳ। ସହରରେ ଥିବା ଏକ ତିନି ମହଲା କୋଠାରେ ହଠାତ୍ ନିଆଁ ଲାଗିଯାଇଥିଲା । ଏହି କୋଠାରେ ଏକ କୋଚିଂ ସେଣ୍ଟର ସହ ଅନ୍ୟାନ୍ୟ ପ୍ରତିଷ୍ଠାନ ମଧ୍ୟ ଚାଲୁଥିଲା। ନିଆଁ ଏବଂ ଧୂଆଁ ଏତେ ଦ୍ରୁତ ଗତିରେ ବ୍ୟାପିଥିଲା ଯେ ଛାତ୍ରଛାତ୍ରୀମାନେ ବାହାରିବାକୁ ସୁଯୋଗ ପାଇନଥିଲେ। ଜୀବନ ବିକଳରେ କିଛି ଛାତ୍ରଛାତ୍ରୀ ଜୀବନ ବଞ୍ଚାଇବାକୁ ଉପର ମହଲାରୁ ତଳକୁ ଡେଇଁ ପଡିଥିଲେ।

ଖବର ପାଇ ଗୋଟିଏ ପରେ ଗୋଟିଏ ୧୪ଟି ଦମକଳ ଗାଡ଼ି ଓ (ପୃଷ୍ଠା ୭ରେ)




### ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ ଓ ସହାୟତା ଘୋଷଣା

ନୂଆଦିଲ୍ଲୀ, ୨୨।୬

ଲକ୍ଷ୍ନୌର ଆଲିଗଞ୍ଜ ଅଞ୍ଚଳର ଏକ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ ଜଣଙ୍କର ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଅଗ୍ନିକାଣ୍ଡ ଘଟଣାରେ ପ୍ରାଣହାନୀରେ ମୁଁ ଦୁଃଖିତ। ଶୋକସନ୍ତପ୍ତ ପରିବାର (ପୃଷ୍ଠା ୭ରେ)

### ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର ବି. ଈଶ୍ୱର (ପିତା – ବି. ଦନେଶୁ) ଙ୍କର ବିଦ୍ୟୁତ ଆଘାତରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

ସେହିପରି ଗଞ୍ଜାମ ଜିଲ୍ଲା ଗଞ୍ଜାମ ତହସିଲର ଅନୀଲ ମହାପାତ୍ର (ପିତା – ବାଲାଜୀ ମହାପାତ୍ର) (ପୃଷ୍ଠା ୭ରେ)

## ରାଜ୍ୟସଭା ନିର୍ବାଚନ କ୍ରସ୍ ଭୋଟିଂ : ବିଜେଡିର ଅଯୋଗ୍ୟତା ଆବେଦନକୁ ଖାରଜ କଲେ ବାଚସ୍ପତି

ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗରେ ବିଜେଡିକୁ ମିଳିଛି ଝଟକା। ବିଜେଡି ପକ୍ଷରୁ କରାଯାଇଥିବା ଅଯୋଗ୍ୟତା ଆବେଦନକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିଛନ୍ତି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ନବକିଶୋର ମଲ୍ଲିକ, ସୁବାସିନୀ ଜେନା, ଚକ୍ରମଣି କହଁର, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ବିରୋଧରେ ବିଜେଡ଼ି ପକ୍ଷରୁ ଅଭିଯୋଗ ଆଣାଯାଇଥିଲା । ସଂପୃକ୍ତ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ବିଜେଡ଼ିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲେ। ବିଜେଡିର ଏହି ଆବେଦନକୁ ବାଚସ୍ପତି ବିଧିବ୍ୟବସ୍ଥା ଅନୁସାରେ ଖାରଜ କରିଦେଇଛନ୍ତି ।



ବିଜେଡି ପକ୍ଷରୁ କରାଯାଇଥିବା ଆବେଦନକୁ ଅସ୍ପଷ୍ଟ ଓ ଭ୍ରମାତ୍ମକ ଦର୍ଶାଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ଖାରଜ କରିଛନ୍ତି।

ଗତ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସଭା ନିର୍ବାଚନ। ବିଜେଡ଼ିର ୮ଜଣ ବିଧାୟକ କ୍ରସ ଭୋଟିଂ କରିଥିବା ନେଇ ଅଭିଯୋଗ କରାଯାଇଥିଲା। ତେବେ ତଥ୍ୟ ପ୍ରମାଣ ଅଭାବ ବାଚସ୍ପତି ଏହାକୁ ଖାରଜ କରିଛନ୍ତି।

ବିଧାନସଭା ସଚିବାଳୟ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁସାରେ, ବିଜେଡି ପକ୍ଷରୁ ଦାଏର କରାଯାଇଥିବା ପିଟିସନଗୁଡ଼ିକରେ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ନାହିଁ। ବିଜେଡି ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକଙ୍କ ଦ୍ୱାରା ଦାଖଲ ହୋଇଥିବା ପିଟିସନ ଓ ଏସଂକ୍ରାନ୍ତ ଦସ୍ତାବିଜଗୁଡ଼ିକ ସିଭିଲ୍ ପ୍ରୋସିଜିଓର କୋଡ୍ (ସିପିସି) – ୧୯୦୮ ଅନୁଯାୟୀ ସଠିକ୍ ଭାବେ ସ୍ୱାକ୍ଷରିତ ଓ ସତ୍ୟପାଠ କରାଯାଇ ନଥିଲା। ଯେଉଁଥିରେ ଦଳବଦଳ ବିରୋଧୀ ଆଇନ-୧୯୮୭ ର ନିୟମ ୬(୬) ଓ ୬(୭)ର ବାଧ୍ୟତାମୂଳକ ସର୍ତ୍ତକୁ ମଧ୍ୟ ପାଳନ କରାଯାଇନାହିଁ। ଏହାସହିତ ପିଟିସନ ସପକ୍ଷରେ ଆବଶ୍ୟକୀୟ ଆଫିଡେଭିଟ୍ ବା ସତ୍ୟପାଠ ଦାଖଲ କରାଯାଇନାହିଁ, ଯାହାକି ଆଇନଗତ ଭାବେ ଏକ ବାଧ୍ୟତାମୂଳକ ପ୍ରକ୍ରିୟା। (ପୃଷ୍ଠା ୭ରେ)

### ପ୍ରକାଶ ପାଇଲା ସ୍ନାତକ ପାଠ୍ୟକ୍ରମ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା

## ରେଭେନ୍ସା ଆଗରେ

ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ନାମଲେଖାର (ଫେଜ୍-୧ ଆଡ଼ମିଶନ)ପ୍ରଥମ ମେଧା ତାଲିକା ସୋମବାର ପ୍ରକାଶିତ ହୋଇଛି। ପ୍ରଥମ ମେଧା ତାଲିକାରେ ରାଜ୍ୟର ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି।

ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨,୮୭,୩୨୭ଟି ଆସନ ରହିଥିବାବେଳେ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ୬୯,୧୮୨ ଜଣ ଛାତ୍ର, ୧,୦୯,୫୯୧ ଜଣ ଛାତ୍ରୀ ଏବଂ ୯ ଜଣ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଅଛନ୍ତି।

ପ୍ରଥମ ମେଧା ତାଲିକାରେ କଳାରେ ୧,୧୨,୮୨୨ ଜଣ, ବିଜ୍ଞାନରେ ୪୩,୬୯୩ ଜଣ, ବାଣିଜ୍ୟରେ ୧୫,୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩,୩୭୧ଜଣ, ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମରେ ୩,୨୪୫ଜଣ ଏବଂ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି।

କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୫୦% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୬.୫୦% ପ୍ରତିଶତ ଏବଂ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୮୩% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଲ' (ଆଇନ) ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ଼ ବିଏ ଏଲଏଲବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି।

ପ୍ରଥମ ମେଧା ତାଲିକାରେ ଚୟନୀତ ଏବଂ 'ଫ୍ରିଜ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ଜୁନ୍ ୨୩ ତାରିଖରୁ ଜୁନ୍ ୨୫ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ନିଜର ନାମଲେଖା ପ୍ରକ୍ରିୟା ସମ୍ପନ୍ନ କରିବେ। 'ସ୍ଲାଇଡ୍/ଫ୍ଲୋଟ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ନିଜର ଆବଣ୍ଟିତ ଆସନ ପାଇଁ ନାମଲେଖା ଶୁଳ୍କ ଜମା କରି ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାକୁ (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- କୋରାପୁଟ ବାଦଲିପାହାଡ଼ ଜଙ୍ଗଲରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ।
- କବିସୂର୍ଯ୍ୟନଗର ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ, ୭ ଗିରଫ ସହ ଲୁଟ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ।
- ୫ ମାସରେ ଆଧାର ଆପ୍ ୩୧ ନିୟୁତରୁ ଅଧିକ ଡାଉନଲୋଡ୍।
- ଶିବସେନାର ଛଅ ଜଣ ବିଦ୍ରୋହୀ ୟୁବିଟି ସାଂସଦ ସିନ୍ଦେ ଗୋଷ୍ଠୀରେ ଯୋଗ ଦେଲେ।
- ମଙ୍ଗୋଲିଆରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର।

### ବଜ୍ରପାତରେ ୩ ମୃତ

ଦେବଗଡ, ୨୨।୬

ନ୍ୟୁଜ୍ ବ୍ୟୁରୋ

ଦେବଗଡ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ସୋମବାର ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବସାଲଇ ପଞ୍ଚାୟତର କଟାସାହିର ଡ଼ୋଲାମଣୀ ପେଣ୍ଟେଇ, ପିଟା ସାହିର ବୁବୁନ ସାମଲ, ପୌରାଞ୍ଚଳର ମିରଗିଡିଆ ସାହିର ରାଜା କାଣ୍ଡୁଳାନା।

ସୂଚନା ଅନୁଯାୟୀ, ୩ଟି ବାଇକରେ ଡ଼ୋଲାମଣୀ ଓ ବୁବୁନ ଏବଂ ଆଉ ୪ ଜଣ ଯୁବକ ଭାଟସିଂ ଗ୍ରାମକୁ ଯାଇଥିଲେ। ଏହି ସମୟରେ ସେମାନେ (ପୃଷ୍ଠା ୭ରେ)

### ଆଇନଜୀବୀଙ୍କ ସହାୟତା ପରିମାଣ ୪୦% ବୃଦ୍ଧି

ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀ ମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ଆଇନଜୀବୀ ମାନଙ୍କୁ ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀ ମାନଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି।

ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀ ମାନେ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ଆଇନଜୀବୀ ମାନଙ୍କର ଏହି ସହାୟତା ରାଶି ୨୦୨୧ ମସିହାରେ ବୃଦ୍ଧି ପାଇଥିଲା।

ଏହି ସହାୟତା ରାଶି ବୃଦ୍ଧିଦ୍ୱାରା ୫ ବର୍ଷ ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀମାନଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ ପରିବାରର ନିକଟତମ ଆତ୍ମୀୟଙ୍କୁ ୧,୦୫,୦୦୦ ଟଙ୍କା ସହାୟତା ଦିଆଯିବ। ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ। ଅବସର ଓ ଦେହାନ୍ତ (ପୃଷ୍ଠା ୭ରେ)

### ରାୟଗଡ଼ାରେ ଯୁବତୀଙ୍କୁ ମାଡ ଘଟଣା ହସ୍ତକ୍ଷେପ କଲେ ଜାତୀୟ ମହିଳା ଆୟୋଗ

ଭୁବନେଶ୍ୱର, ୨୨।୬

ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ାରେ ପିଲାଚୋର ସନ୍ଦେହରେ ଯୁବତୀଙ୍କୁ ମାଡ଼ ଘଟଣାରେ ଜାତୀୟ ମହିଳା ଆୟୋଗ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ଜାତୀୟ ମହିଳା ଆୟୋଗ ଓଡ଼ିଶା ପୋଲିସ ଓ ସମ୍ପୃକ୍ତ ପ୍ରଶାସକଙ୍କୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ପୀଡ଼ିତାଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମହିଳା କମିଶନ।




### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୬୫୧ (+୪୩) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୪୩୦ (+୪୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୯୮୮ (+୩୨) |

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୦)

### ଏକାଳ ପଖାଳ



କହନ୍ତି ସାଂସଦ ଖୁବ୍ ଶୀଘ୍ର<br>
ବିରୋଧୀ ହେବ ଯେ ଖାଲି<br>
ବଡ ଗୁରୁପ୍ ଯେ ଛାଡିଦେବେ ଦଳ<br>
ହେଇ ଆଜି କିମ୍ବା କାଲି<br>
ସବୁଠିକ୍ ଅଛି ବୋଲି<br>
ନେତ୍ରୀ କୁହନ୍ତି ବଡ ପାଟି କରି<br>
ହେଲେ ଆଶା ଚୋରା ବାଲି।

## ୟୁଏଇ କିଣିବ ବ୍ରହ୍ମୋସ ! ବଡ ଡିଲ୍ ହାତେଇପାରେ ଭାରତ



ନୂଆଦିଲ୍ଲୀ, ୨୨।୬

ବିଶ୍ୱର ପ୍ରତିରକ୍ଷା ବଜାରରେ ଭାରତର ଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ଡିମାଣ୍ଡ ବଢ଼ିବାରେ ଲାଗିଛି। ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଏବେ ଭାରତର ଦୁଇଟି ପ୍ରମୁଖ ପ୍ରତିରକ୍ଷା ପ୍ରଣାଳୀ- ବିଶ୍ୱର ସବୁଠାରୁ ଦ୍ରୁତ ସୁପରସୋନିକ କ୍ରୁଜ୍ ମିସାଇଲ୍ 'ବ୍ରହ୍ମୋସ' ଏବଂ ସ୍ୱୟଂଚାଳିତ ଏୟାର ଡିଫେନ୍ସ ସିଷ୍ଟମ 'ଆକାଶତୀର' କିଣିବାକୁ ଆଗ୍ରହ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ ଦୁଇ ଦେଶ ମଧ୍ୟରେ ଏହି ମେଗା ପ୍ରତିରକ୍ଷା ଡିଲ୍‌କୁ ନେଇ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା ଖୁବ୍ ଦ୍ରୁତ ଗତିରେ ଆଗକୁ ବଢୁଛି।

ମଧ୍ୟ-ପ୍ରାଚ୍ୟରେ ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସାମ୍ପ୍ରତିକ ଯୁଦ୍ଧ ତଥା ଡ୍ରୋନ ଓ ମିସାଇଲ ଆକ୍ରମଣ ପରେ ୟୁଏଇ ନିଜର ଆକାଶମାର୍ଗ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଚାହୁଁଛି। ବିଶେଷ କରି ନିଜର ଶକ୍ତି ରପ୍ତାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ'ର ସୁରକ୍ଷା ପାଇଁ ଆବୁଧାବି ଏବେ ନୂଆ ପ୍ରତିରକ୍ଷା ସପ୍ଲାୟର ସନ୍ଧାନରେ ଅଛି। ସରକାରୀ ସୂତ୍ର ଅନୁସାରେ, ଭାରତୀୟ ସେନା ଏବଂ ବିଇଏଲ୍ ଦ୍ୱାରା ପ୍ରସ୍ତୁତ 'ଆକାଶତୀର' ସିଷ୍ଟମ ଆକାଶମାର୍ଗରୁ ଆସୁଥିବା ଯେକୌଣସି ବିପଦକୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରି ନଷ୍ଟ କରିବାରେ ସକ୍ଷମ।

ମାର୍ଚ୍ଚ ୨୦୨୬ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନୀ (ପୃଷ୍ଠା ୭ରେ)

## ସକ୍ରିୟ ହେଲା ମୌସୁମୀ

ନୂଆଦିଲ୍ଲୀ, ୨୨।୬

ଦେଶରେ ଦୀର୍ଘ ଦୁଇ ସପ୍ତାହ ଧରି ଧିମା ରହିବା ପରେ ଶେଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ଆରମ୍ଭ କରିଛି। ଆରବ ସାଗରରୁ ଆସୁଥିବା ଜଳୀୟବାଷ୍ପ ପୂର୍ଣ୍ଣ ପବନ ଯୋଗୁଁ ମୁମ୍ବାଇ, ଏହାର ଆଖପାଖ ଅଞ୍ଚଳ ଏବଂ ଦକ୍ଷିଣ-ପୂର୍ବ ଗୁଜରାଟରେ ବର୍ଷା ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ଏକ ଆଶ୍ୱାସନାର ଖବର। କିନ୍ତୁ ଏହି ଆଶା ସତ୍ତ୍ୱେ, ଜୁନ୍ ମାସରେ ହୋଇଥିବା ସ୍ୱଳ୍ପ ବୃଷ୍ଟିପାତ ଦେଶର ଚାଷ କାର୍ଯ୍ୟକୁ ବଡ଼ ଧକ୍କା ଦେଇସାରିଛି। ବିଶେଷଜ୍ଞଙ୍କ କହିବାନୁସାରେ ଚଳିତ ୨୦୨୬ ଜୁନ୍ ମାସଟି ବିଗତ ୧୪୬ ବର୍ଷ ମଧ୍ୟରେ ସବୁଠାରୁ ଶୁଖିଲା ଜୁନ୍ ମାସ ଭାବେ ରେକର୍ଡ କରାଯାଇଛି।



ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ର ସଦ୍ୟତମ ସୂଚନା ଅନୁଯାୟୀ, ଜୁନ୍ ୪ ରୁ ଜୁନ୍ ୨୨ ମଧ୍ୟରେ ଦେଶରେ ସ୍ୱାଭାବିକ ୯୭.୬ ମିଲିମିଟର ବଦଳରେ ମାତ୍ର ୫୩.୧ ମିଲିମିଟର ବର୍ଷା ହୋଇଛି। ଏହାର ଅର୍ଥ ସମଗ୍ର ଦେଶରେ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ୪୬ ପ୍ରତିଶତ କମ୍ ରହିଛି। ବିଶେଷ କରି କେନ୍ଦ୍ରୀୟ, ଉତ୍ତର ଏବଂ ଦକ୍ଷିଣ ଭାରତର ଏକ ବଡ଼ ଅଞ୍ଚଳରେ ବର୍ଷାର ଚରମ ଅଭାବ ଦେଖାଦେଇଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ଗତ କିଛି (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁନ ୨୦୨୬ ମଙ୍ଗଳବାର





# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ

**ସୁବର୍ଣ୍ଣପୁର :, ନ୍ୟୁଜ୍ ବ୍ୟୁରୋ**




ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାରେ ପାଳନ କରାଯାଉଥିବା ୧୫ ଦିନିଆ ସଚେତନତା ପକ୍ଷ ଅବସରରେ ଆଜି ସୁବର୍ଣ୍ଣପୁର ପୌର କାର୍ଯ୍ୟାଳୟ ଠାରୁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ଼ ନୃପରାଜ ସାହୁ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଲେଶ୍ୱର ଖାଖା,ପ୍ରଭାଗୀୟ ଶ୍ରମ ଆୟୁକ୍ତ, ସୁବର୍ଣ୍ଣପୁର, ଦିବ୍ୟ ଶଙ୍କର ଧରୁଆ, ଜିଲ୍ଲା ଶ୍ରମ ଅଧିକାରୀ, ସୋନପୁର, ତରଭା, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକର ସହକାରୀ ଶ୍ରମ ଅଧିକାରୀମାନେ, ଶିଶୁ କଲ୍ୟାଣ ସମିତିର ଅଧକ୍ଷା ଲିନା ବାବୁ ଟ୍ରେଡ୍ ୟୁନିଅନ୍ ସମନ୍ୱୟ କମିଟିର ସଭାପତି ଗୋବିନ୍ଦ ମହାରଣା , ଜଇଜର ସଂସ୍ଥାର ସାଧାରଣ ସମ୍ପାଦକ ତଥା ସିଇଓ ଅନଙ୍ଗ ନେଗୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଚାଇଲ୍ଡ ହେଲ୍ପଲାଇନ୍, ସିଡବ୍ଲ୍ୟୁସି ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ, ବିଭିନ୍ନ ବିଭାଗର ଅଂଶୀଦାର ଏବଂ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ପଦଯାତ୍ରାଟି ସୋନପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏହି ଅବସରରେ ଶିଶୁ ଶ୍ରମିକ ନିଷେଧ ସମ୍ପର୍କିତ ଆଇନ, ଶିଶୁମାନଙ୍କର ଅଧିକାର ଓ ସୁରକ୍ଷା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ସେହିପରି ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସାମୁଦାୟିକ ଅଂଶଗ୍ରହଣ ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସମସ୍ତଙ୍କୁ ସଚେତନ ହୋଇ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପୁନଃଚକ୍ରଣରେ ଓଡ଼ିଶା ପଛୁଆ: ଜମା ହୋଇଗଲାଣି ଇ-ବର୍ଜ୍ୟ, ପ୍ରଥମ ୧୫ ରାଜ୍ୟ ଭିତରେ ବି ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସରକାରୀ ଆକଳନ ଅନୁଯାୟୀ ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୭,୦୦୦ ରୁ ୮,୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ବା ଇ-ବର୍ଜ୍ୟ ବାହାରୁଛି। ଡିଜିଟାଲ୍ ସାମଗ୍ରୀର ବ୍ୟବହାର ବୃଦ୍ଧି ହେତୁ ଏହି ପରିମାଣ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ତେବେ ପୁନଃଚକ୍ରଣ ଅଭାବରୁ ଏଥିରୁ ବାହାରୁଥିବା ବିଷାକ୍ତ ପଦାର୍ଥ ଯଥା ସୀସା, ପାରଦ ଓ କ୍ୟାଡମିୟମ୍ ଆଦି ମୃତ୍ତିକା ଓ ଭୂତଳ ଜଳ ପ୍ରଦୂଷଣର କାରକ ସାଜୁଛି। ପ୍ରତି ୧୦ ବର୍ଷରେ ପାଖାପାଖି ୬୦ ପ୍ରତିଶତ ଇ-ବର୍ଜ୍ୟ ବୃଦ୍ଧି ହେଉଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ପୂର୍ବରୁ ସ୍ମାର୍ଟଫୋନ୍, ଲାପ୍‌ଟପ୍, ଏଲ୍‌ଇଡି ଟିଭି ଓ ଇଣ୍ଟରନେଟ୍‌ର ବ୍ୟବହାର ସୀମିତ ଥିଲା। କିନ୍ତୁ ଗତ ଏକ ଦଶନ୍ଧି ମଧ୍ୟରେ ଡିଜିଟାଇଜେସନ୍, ଅନ୍‌ଲାଇନ୍ ଶିକ୍ଷା ଓ କାର୍ଯ୍ୟାଳୟଗୁଡ଼ିକର ଆଧୁନିକୀକରଣ




ଯୋଗୁଁ ବୈଦ୍ୟୁତିକ ଉପକରଣର ବ୍ୟବହାର ବହୁ ଗୁଣ ବଢ଼ିଯାଇଛି, ଯାହା ଇ-ବର୍ଜ୍ୟ ପରିମାଣକୁ ଦ୍ରୁତ ଗତିରେ ବଢ଼ାଇ ଚାଲିଛି। ଅଧିକାଂଶ ଇ-ବର୍ଜ୍ୟ ଅଣଆନୁଷ୍ଠାନିକ କ୍ଷେତ୍ର ବା କବାଡ଼ିବାଲାଙ୍କ ଦ୍ୱାରା ଅସୁରକ୍ଷିତ ଭାବେ ସଂଗ୍ରହ କରାଯାଉଛି। ଫଳରେ ପୁନଃଚଚକ୍ରଣ ଦୂରର କଥା ପରିବେଶ ବିଷବଳୟ ହେବାକୁ ଯାଉଛି। ସ୍ଥିତି ଏଭଳି ହୋଇଛି ଯେ ପୁନଃଚକ୍ରଣ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ୧୫ଟି ସ୍ଥାନରେ ମଧ୍ୟ ନାହିଁ। ମେଘାଳୟ, ଝାଡ଼ଖଣ୍ଡ ଭଳି ରାଜ୍ୟ ଓଡ଼ିଶାଠାରୁ ଏହି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁଯାୟୀ, କେବଳ ସହରାଞ୍ଚଳରୁ ମାସିକ ପ୍ରାୟ ୩୧୬.୭୭ ଟନ୍‌ରୁ ଅଧିକ ଇ-ବର୍ଜ୍ୟ ବାହାରୁଛି। ମାତ୍ର ସରକାରୀ କିମ୍ବା ଘରୋଇ କ୍ଷେତ୍ରରେ କେତେ ପରିମାଣର ଇ-ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି, ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଡାଟାବେସ୍ ନାହିଁ। ଅନୁରୂପ ଭାବେ ଏହି ବର୍ଜ୍ୟର ବୈଜ୍ଞାନିକ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମିର ଘୋର ଅଭାବ ରହିଛି। ଫଳରେ ସରକାର ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଇଁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବା କଷ୍ଟକର ହେଉଛି। ସରକାରଙ୍କ ଦ୍ୱାରା ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପ୍ରଣୟନ କରାଯାଇଥିଲେ ମଧ୍ୟ, ବାସ୍ତବରେ ଏହାର କଡ଼ାକଡ଼ି ଅନୁପାଳନ ହେଉନାହିଁ। ଉତ୍ପାଦନକାରୀମାନଙ୍କ ପାଇଁ ଥିବା 'ବିସ୍ତାରିତ ଉତ୍ପାଦକ ଦାୟିତ୍ୱ' (ଇପିଆର) ନିୟମ ଅନୁଯାୟୀ କମ୍ପାନିଗୁଡ଼ିକ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଟେକ୍-ବ୍ୟାକ୍ ସେଣ୍ଟରଖୋଲିବାରେ ସଫଳ ହୋଇନାହାନ୍ତି। ଏ ସମ୍ପର୍କରେ ବିଶିଷ୍ଟ ପରିବେଶବିତ୍ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ସଚେତନତାର ଅଭାବ ଯୋଗୁ ରାଜ୍ୟର ଅଧିକାଂଶ ସାଧାରଣ ଗ୍ରାହକ ଓ ଘରୋଇ ଉପଭୋକ୍ତାମାନେ ଇ-ବର୍ଜ୍ୟବସ୍ତୁର କୁପ୍ରଭାବ ବିଷୟରେ ଅବଗତ ନୁହନ୍ତି। ପୁରୁଣା ମୋବାଇଲ୍, ଚାର୍ଜର, କେବୁଲ କିମ୍ବା ଟିଭି ଖରାପ ହେଲେ, ଲୋକମାନେ ସେଗୁଡ଼ିକୁ ସାଧାରଣ ଅଳିଆ ଆବର୍ଜନା ସହିତ ମିଶାଇ ଫିଙ୍ଗି ଦିଅନ୍ତି କିମ୍ବା ସ୍ଥାନୀୟ କବାଡ଼ିଆ ବେପାରୀଙ୍କୁ ବିକ୍ରି କରିଦିଅନ୍ତି। ପୁନଃଚକ୍ରଣ ଅଭାବରୁ ଏହା ପରିବେଶ ପାଇଁ କ୍ଷତିକାରକ ସାଜୁଛି। ଯେ କୌଣସି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଅଚଳ ହୋଇଗଲେ, ଏହାକୁ ସଂପୃକ୍ତ ଉତ୍ପାଦନକାରୀ ସଂସ୍ଥା ତରଫରୁ ଫେରାଇ ନେବାର ନିୟମ ରହିଛି। ମାତ୍ର ଏନେଇ ରାଜ୍ୟରେ ଭିତ୍ତିଭୂମିର ଘୋର ଅଭାବ ସାଙ୍ଗକୁ ସଚେତନତା ସୃଷ୍ଟି କରିବା ଦିଗରେ ସରକାରଙ୍କ ପଦକ୍ଷେପ ଆଖିଦୃଶିଆ ନୁହେଁ। ଆମ ରାଜ୍ୟରେ କେତେ ପରିମାଣର ଇ-ବର୍ଜ୍ୟ ବାହାରୁଛି ଏନେଇ ଆମ ପାଖରେ ନିର୍ଦ୍ଦିଷ୍ଟ ଡାଟାବେସ୍ ନରହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବୌଦ୍ଧ ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ ହୋଇଯାଇଛି । ବୌଦ୍ଧ ବ୍ଲକ ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶ କାର୍ଯ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ।ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡମ୍ବରୁଧର କହଁର, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ଏବଂ ବିଜେପି ଏସ୍‌ସି ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ରାଜୀବ ଦେହୁରୀ ମଞ୍ଚାସୀନ ଥିଲେ । ବୌଦ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମହିଳାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।



# ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବୃକ୍ଷ ରୋପଣ

**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମ ପଞ୍ଚାୟତରେ ବରିଷ୍ଠ ନାଗରିକ ମଞ୍ଚ ଆନୁକୁଲ୍ୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗଣ୍ଡାଖିଆ ସ୍ଥିତ ଗ୍ରାମୀଣ ପାଠାଗାର ପରିସରରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ରାଢ଼ଙ୍ଗ ରଜ ମଉଜରେ ନୂଆ ମହକ: ମଦ ବିରୋଧୀ ସଂକଳ୍ପ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରାଢ଼ଙ୍ଗ ପଞ୍ଚାୟତେର ପୂର୍ବତନ ସରପଞ୍ଚ ଦେବିପ୍ରସାଦ ମହାରଣାଙ୍କ ନେତୃତ୍ୱରେ ବଟମହାପୁରୁଷ ସାଂସ୍କୃତିକ ପରିଷଦ ତରଫରୁ ତିନିଦିନ ଧରି ମହା ସମାରୋହର ପାଳନ ହୋଇଯାଇଛି ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ରଜପର୍ବ 'ରଜ ମଉଜ' ରାଢ଼ଙ୍ଗ -୨୦୨୬। ପହିଲି ରଜର ଉଦ୍ଘାଟନୀ ସଭାର ଅାୟୋଜନ କରାଯାଇଥିଲା। ଏହି ସଭାେର ପରିଷଦର ସଭାପତି ଦେବିପ୍ରସାଦ ମହାରଣା ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ପରିଷଦର ସମ୍ପାଦକ ତରୁଣ କୁମାର ଜେନା। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ଶିକ୍ଷାବିତ୍ ଅଜୟ କୁମାର ବରାଳ ଏବଂ ସରପଞ୍ଚ ସୁଶିଲ କୁମାର ବାରିକ ଯୋଗଦାନ କରିଥିଲେ। ଜଞ୍ଜାଳ ମୟ ଜନ ଜୀବନର ସୁଖ,ଶାନ୍ତି, ଭାଇଚାରା ବୃଦ୍ଧିରେ ପର୍ବ ପାଳନର ଆବଶ୍ୟକତା ଥିବା କଥା ଅତିଥି ମାନେ ବକ୍ତବ୍ୟ



ରଖିଥିଲେ। ସଭାପତି କହିଥିଲେ ଯେ 'ରଜ ମଉଜ' ରାଢ଼ଙ୍ଗ,- ୨୦୨୬ କେବଳ ମେନାରଞ୍ଜନ ଉେଦ୍ଦଶ୍ୟେର ନୁହଁ ଏହା ପିଲା ମାନଙ୍କ ପ୍ରତିଭା ବିକାଶର, ମେଧା ସୃଷ୍ଟିରେ, ମାନବିକତା ବୃଦ୍ଧିରେ ସହାୟକ ହେବା ପାଇଁ ଏକ ଛୋଟିଆ ପ୍ରୟାସ। 'ରଜ ମଉଜ' ରାଢ଼ଙ୍ଗ,- ୨୦୨୬ କାର୍ଯ୍ୟକ୍ରମର ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମେସ୍ତ ରଜ ଦୋଳିର ଆନନ୍ଦ ନେବା ସହିତ ପିଲାମାନଙ୍କ ପାଇଁ ମୁରୁଜ ପକା, ଚିତା ପକା, ପୁଚିଖେଳ, ଦଉଡ଼ି ଡିଆଁ, ଆଳୁ ଚାମଚ ଦୌଡ଼, ମ୍ୟୁଜିକ ଚେୟାର, ଗୀତ ଗାଇବା, ନୃତ୍ୟ, ସାଧାରଣ ଜ୍ଞାନ, ଧିମା ସାଇକେଲ ଚାଳନା ସହିତ ବଡ଼ ମାନଙ୍କ ପାଇଁ ଧିମା ବାଇକ୍ ଚାଳନା, ଭାଷଣ ଭଳି ପ୍ରତିଯୋଗିତା ମାନ ଅାୟୋଜନ କରାଯାଇଥିଲା। ପିଲାମାେନ ରଜ ଦୋଳିରେ ଝୁଲିବାର ଆନନ୍ଦ ନେବା ସହିତ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାନଙ୍କ ପର୍ଯ୍ୟନ୍ତ ଧିମା ବାଇକ୍ ଚାଳନା ପ୍ରତିଯୋଗିତାକୁ ବେଶ ମନଭରି ଉପେଭାଗ କରିଥିଲେ। ରଜ ଗୀତ ଏବଂ ଅନ୍ୟାନ୍ୟ ଗୀତର ପ୍ରେତ୍ୟକ ଦିନ ପିଲାମାନଙ୍କର ସମୂହ ନୃତ୍ୟ ପ୍ରଦଶର୍ନ ବେଶ୍ ଦର୍ଶକଙ୍କ ମନମୁଗ୍ଧ କରିପାରିଥିଲା। ଶେଷ ରଜ ଦିନ ଉଦଯାପନୀ ସଭାରେ 'ମଦ ମୁକ୍ତ ସମାଜ ନିର୍ମାଣରେ ଆମର ଭୂମିକା' ପ୍ରସଙ୍ଗକୁ ନେଇ ପିଲାମାନଙ୍କ ମେଧ୍ୟର କରାଯାଇଥିବା ଭାଷଣ ପ୍ରତିଯୋଗିତା ଏବଂ ଅତିଥି ମାନଙ୍କ ଆଲୋଚନା ବେଶ୍ ଶିକ୍ଷଣୀୟ ହେବା ସହିତ ସେଚତନତା ସୃଷ୍ଟିରେ ସହାୟକ ହୋଇଥିଲା। ସଭାପରେ କୃତୀ ପ୍ରତିେଯାଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିେଯାଗିତା, ପିଲାମାନଙ୍କୁ ଆଗକୁ ନେବାରେ ସହାୟକ ହେଉଥିବାରୁ ପ୍ରତଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତଯୋଗୀ ମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଷଦ ତରଫରୁ ରଜ ତିନି ଦିନରେ ଉପସ୍ଥିତ ପିଲା ଏବଂ ଦେଖଣାହାରୀଙ୍କୁ ଚେକଲେଟ୍, ମିଠା ବଣ୍ଟନ କରାଯାଇଥିଲା। ଶେଷ ରଜ ମଧ୍ୟାହ୍ନେଭୋଜନର ବ୍ୟବସ୍ଥା ମଧ କରାଯାଇଥିଲା। ପ୍ରେତ୍ୟକ ଦିନ ପରିବେଶ ସେଫଇ ନିମେନ୍ତ ସାମୁହିକ ଶ୍ରମଦାନ କରାଯାଇଥିଲା। ସୁବ୍ରତ ଜେନା, ସୁଧିରଂଜନ ବାରିକ୍, ପ୍ରକାଶ କୁମାର ରାଉତ, ଦିଲ୍ଲିପ ସ୍ୱାଇଁ, ଶରତ ରାଉତ, ଶୈଳେନ୍ଦ୍ର ରାଉତରାୟ, ରଶ୍ମିରଞ୍ଜନ ମହାନ୍ତି, ପ୍ରଦୀପ ରାଉତ, ତପନ ଜେନା, ଜିତେନ୍ଦ୍ର ଦାସ, ଶାରଦା ଜେନା, ନିମାଇଁ ରାଉତ, ସେନ୍ତାଷ ରାଉତ, ଦର୍ଯ୍ୟୋଧନ ରାଉତ, ଶୁକେଦବ ଜେନା, ସମୀର ବାରିକ୍, ସୁନାକର ସ୍ୱାଇଁ, ଧେମର୍ନ୍ଦ୍ର ଦାସ, ଅମେରଶ ରାଉତ 'ରଜ ମଉଜ' ରାଢ଼ଙ୍ଗ,- ୨୦୨୬ କାର୍ଯ୍ୟକ୍ରମରେ ସାମିଲ ହୋଇ, ଶାରୀରିକ, ଆର୍ଥିକ, ମାନସିକ ଭାବେ ସେହଯାଗ ପ୍ରଦାନ କରି ଆଞ୍ଚଳିକ ଭାଇଚାରା ବୃଦ୍ଧିକୁ ସ୍ୱଷ୍ଟ ପ୍ରମାଣିତ କରିଥିବାବେଳ ପ୍ରତିଯୋଗିତାରେ ବାଳକ ମାନଙ୍କ ଭାଗ ନେବା ସମ୍ପୂର୍ଣ୍ଣ ନୈରାଶ୍ୟ ଜନକ ଥିଲା ଯାହା ଏକ ଚିନ୍ତାର ବିଷୟ ପାଲଟିଛି।

# ଜାତୀୟ ସ୍ତରରେ ଅହମଦାବାଦ ଠାରେ ସମ୍ବର୍ଦ୍ଧିତ ହେଲା ନିଷ୍ଠା ପରିବାର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ନିଷ୍ଠା ପରିବାରର ଇତିହାସରେ ଯୋଡ଼ି ହେଲା ଏକ ନୂତନ ଫର୍ଦ୍ଦ। ରକ୍ତ ସଞ୍ଚାର ସେବା ଉପରେ ଜାତୀୟ ସ୍ତରୀୟ ଏନ୍‌ଜିଓ ସମ୍ମିଳନୀ ଅହମଦାବାଦ, ଗୁଜରାଟ ସ୍ଥିତ ହୋଟେଲ ସିଲଭର କ୍ଲାଉଡ ଠାରେ ଅନୁଷ୍ଠିତ ହୋଇଥିଲା।ଏହି ସମ୍ମିଳନୀ ରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର,ବରଗଡ଼କୁ ରକ୍ତ ଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଭାରତର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସରକାରୀ ପଦାଧିକାରୀ, ସବୁ ରାଜ୍ୟର ସଂଗଠନ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ଡ଼ା. ରତନକନ୍ୱର–ସ୍ୱାସ୍ଥ୍ୟ କମିଶନର, ମିଶନ ନିର୍ଦ୍ଦେଶକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଗୁଜରାଟ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଗାନ୍ଧୀ ନଗର, ଡ଼ା. ମେଘା ପ୍ରବୀଣ ଖୋବ୍ରାଗାଡେ – ଉପ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ,ଡ଼ା. କାର୍ତ୍ତିକ ଶାହ – ନିର୍ଦ୍ଦେଶକ, ଗୁଜରାଟ ରାଜ୍ୟ ରକ୍ତ ସଞ୍ଚାର ପରିଷଦ ଡ଼ା. କୃଷ୍ଣ କୁମାର – ନିର୍ଦ୍ଦେଶକ, ଜାତୀୟ ରକ୍ତ ସଞ୍ଚାର ପରିଷଦ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ, ଡ଼ା.ମାନସ ପ୍ରୀତମ ରାୟ, ଉପ ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ ଯୋଗ ଦେଇ ସମ୍ବର୍ଦ୍ଧିତ




# ଚାମେଲିଙ୍କୁ ନ୍ୟାୟ ପ୍ରଦାନ ପାଇଁ ବୌଦ୍ଧ ସରପଞ୍ଚ ସଂଘର ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସର୍କିଟ ହାଉସ ଠାରୁ ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘ ଏକ ବିରାଟ ରାଲି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା କଥିତ ପୋଲିସ ନିର୍ଯାତନା ଓ ଅମାନବୀୟ ବ୍ୟବହାରକୁ ନେଇ ସମଗ୍ର ରାଜ୍ୟରେ ପ୍ରତିବାଦର ସ୍ୱର ତୀବ୍ର ହେଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ରେ ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘ ଦାବି କରୁଛି। ଦିଆଯାଇଥିବା ସ୍ମାରକପତ୍ର ଅନୁଯାୟୀ, ଗତ ୧୧ ଫେବୃଆରୀ ୨୦୨୬ ତାରିଖରେ ସରପଞ୍ଚ ଚାମେଲି ଓଝା ନିଜ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପାଇଁ ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କ ସହ ଦୁର୍ବ୍ୟବହାର କରାଯିବା ସହ ବିଡିଓଙ୍କ ପକ୍ଷରୁ ତାଙ୍କ ବିରୋଧରେ ପୋଲିସରେ ମିଥ୍ୟା ଅଭିଯୋଗ ଦାଖଲ କରାଯାଇଥିବା ଦାବି କରାଯାଇଛି। ଅଭିଯୋଗ ଅନୁସାରେ, ମହାକାଳପଡ଼ା ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରିବା ପରିବର୍ତ୍ତେ ରାତି ସମୟରେ ସରପଞ୍ଚଙ୍କୁ ଥାନାକୁ ନେଇଯାଇଥିଲା। ଏହି ସମୟରେ ତାଙ୍କ ମୋବାଇଲ ଫୋନ ଜବତ କରାଯିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ, ନିର୍ଯାତନା ଯୋଗୁଁ ସେ ଅସୁସ୍ଥ ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।




ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ, ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ଏବଂ ସରପଞ୍ଚଙ୍କ ମୋବାଇଲରେ ଥିବା ସମସ୍ତ ତଥ୍ୟକୁ ସାର୍ବଜନୀନ କରିବା, ତାଙ୍କ ବିରୋଧରେ ରୁଜୁ ହୋଇଥିବା କଥିତ ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘର ସଭାପତି ଅରୁଣ ବାଘ ଓ ସମ୍ପାଦକ ନିହାର କୁମାର ଘୋଷଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ସରପଞ୍ଚ ଓ ଜନପ୍ରତିନିଧି ଏହି ଦାବିପତ୍ର ସମୟରେ ଚାମେଲି ଓଝାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ଆହ୍ୱାନ ଜଣାଇଛନ୍ତି ନହେଲେ ଆଗାମୀ ଦିନ ଜିଲ୍ଲା ସରପଞ୍ଚ ସଂଘ ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ , ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ତରଫରୁ ବାଇପାସସ୍ଥିତ ଆଶିଆନା ସଭାଗୃହରେ ଆଶିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ନୁର୍‌ଯାହାନ ସଫିଆ ନିଆଜ ସଂସ୍ଥାପକ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ନଜିରିନା ଖାନ୍, ରାଷ୍ଟ୍ରିୟ ସମିତି ସଦସ୍ୟ ଭାରତୀୟ ମୁସଲିମ୍ ଆନ୍ଦୋଳନ, ପ୍ରଫେସର ଝରଣା ପଟ୍ଟନାୟକ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓଡ଼ିଶା ସଂଯୋଜକ ବିଶ୍ୱଜିତ୍ ରାୟ, ଆଇନ୍‌ଜୀବୀ ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ମହିଳାମାନଙ୍କ ସାମାଜିକ □ନା କୁ ବୁଝିବା ଓ ତାର ସୁଧାର ପାଇଁ କାମ କରିବା ସଂଗେ ସଂଗେ ମୁସ୍‌ଲିମ୍




ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ, ଆର୍ଥିକ, ରାଜନୈତିକ, ଧାର୍ମିକ ଓ ଆଇନ୍‌ଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ବହୁ ବିବାହକୁ ବନ୍ଦ କରିବା ସଂଗେ ସଂଗେ, ବିବାହ ପାଇଁ ଝିଅ ଓ ପୁଅମାନେ ଉପଯୁକ୍ତ ବୟସରେ ବିବାହ କରିବା ପାଇଁ ସେମାନଙ୍କୁ ସଚେତନତା କରିବା ଆବଶ୍ୟକତା ଅଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ପୈତୃକ ସମ୍ପତ୍ତିରେ ମହିଳାମାନଙ୍କର ସମାନ ଅଧିକାର ଦେବା ନିମନ୍ତେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡ଼ର କାଉନ୍‌ସିଲର, ଅଙ୍ଗନୱାଡ଼ୀ ୱାର୍କର, ଫେଲୋସିପ୍ ଓ ଆସିଆନାର କର୍ମକର୍ତ୍ତା□ଓ ଅନ୍ତେବାସୀ, ଅହମଦିଆ ସଂପ୍ରଦାୟର ଲଜନା ଇମାଉଲ୍ଲାର ସଦସ୍ୟା, ଶିକ୍ଷକ,ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟା ଓ ସାଧାରଣ ମହିଳାମାନେ ଯୋଗଦାନ କରିଥିଲେ ଏବଂ ଆଶିଆନାର ସଂଯୋଜକ ରିଆଜ ଅହମଦ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅନାଥ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ

**ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସୋନପୁର ବ୍ଲକ ମିଶନ ଶକ୍ତି ଗୃହ ଠାରେ ପିତୃ-ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଅଛି। ଏହି କ୍ୟାମ୍ପରେ ୭୫୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ରହିଥିଲେ। ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା। ସମସ୍ତ ଶିଶୁଙ୍କ ତଥ୍ୟ ତର୍ଜମା ପରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଲିନା ବାବୁ, ସଭ୍ୟା ରଞ୍ଜିତା ସାହୁ, ସଭ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥିତ ରହି ଉପସ୍ଥାପନା କାର୍ଯ୍ୟ ତୁଲାଇଥିଲେ।

# ଆର୍.ଆଇ ଅଫିସ୍ ଓ ମନ୍ଦିର ନିକଟରୁ ମଦ ଦୋକାନ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ଦୋକାନ ଥିବାରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ସେମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଗୁରୁବାର କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟା ଅଞ୍ଚଳର ଅଣ୍ଡରା, ଅମୃତ ମଣୋହୀ, ବଲୁରିଆ ପ୍ରଭୃତି ଗ୍ରାମରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ବାସଗୃହ, ଆର୍ .ଆଇ. କାର୍ଯ୍ୟାଳୟ, ଉଷାଦେବୀ ମହିଳା ମହାବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, କାନାରା ବ୍ୟାଙ୍କ, ମିନି ବ୍ୟାଙ୍କ, ବାଳିକା ଉଚ୍ଚ



ବିଦ୍ୟାଳୟ ଥିବା ନିକଟରେ ଏକ ମଦ ଦୋକାନ ରହିଅଛି। ଯାହାଫଳରେ ଗ୍ରାମବାସୀଙ୍କ ସହିତ ସ୍କୁଲ୍ ଛାତ୍ର/ଛାତ୍ରୀ, ମହିଳା ଯାତାୟତରେ ଅସୁବିଧା ଅନୁଭବ କରିବା ସହିତ ଧାର୍ମିକ ପରିବେଶକୁ ନଷ୍ଟ କରୁଛି। ତୁରନ୍ତ ଅଣ୍ଡରା ଗ୍ରାମରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମର ଶତାଧିକ ଯୁବକ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ସେଠାରୁ ମଦ ଦୋକାନ ଉଚ୍ଛେଦ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବାଣୀପ୍ରସାଦ ସେଠୀ, ଜ୍ୟୋତି ପ୍ରକାଶ ଦାସ, ସରୋଜକାନ୍ତ ବେହେରା, ଶେଖର କୁମାର ସେଠୀ, ପ୍ରକାଶ କୁମାର ମାହାଳିକ, ଅଶୋକ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୈନନ୍ଦିନ ଜୀବନରେ ଯୋଗାଭ୍ୟାସ କରିବା ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଚଳିତ



ବର୍ଷର ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ " ନିରୋଗ ଏବଂ ସୁସ୍ଥ ଜୀବନ ପାଇଁ ଯୋଗ" ରହିଥିବାବେଳେ ଏହାର ବ୍ୟାପକ ପ୍ରଚାର ଓ ସଫଳ ଆୟୋଜନ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୋଗକୁ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ଭାବେ ନ ଦେଖି, ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ସମସ୍ତ ବୟସ ବର୍ଗର ଲୋକଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ଡ. ସାହୁ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ହାସଲ କରାଯାଇପାରିବ ବୋଲି କହିବା ସହ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣରେ ଯୋଗ ଦିବସକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକକୁ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ, ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯେମିତି ଶିକ୍ଷା ବିଭାଗ, ଜିଲ୍ଲା ଲୋକସମ୍ପର୍କ କାର୍ଯ୍ୟାଳୟ, ପଞ୍ଚାୟତିରାଜ ବିଭାଗ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଯୋଗର ପ୍ରଚାର ଓ ପ୍ରସାର ସହ ଜଡିତ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଅନୁଷ୍ଠାନର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ଅର୍ପଣ କରଥିଲେ ।





## ମିଶନ ଶକ୍ତି କାଫେକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମହାନଦୀ ବ୍ରିଜ୍ ହିକୁଡି ଛକ ଠାରେ ଦୀର୍ଘ ଦିନ ହେବ ବନ୍ଦ ଥିବା ମିଶନ ଶକ୍ତି କାଫେ ତଦାରଖ କଲେ ଜିଲ୍ଲାପାଳ ଡ. ନୃପରାଜ ସାହୁ । ସୂଚନା ଅନୁସାରେ ଗତ ୨୦୨୧ ମସିହାରେ ମିଶନ ଶକ୍ତି କାଫେକୁ ଲୋକାର୍ପିତ କରିଥିଲେ ତତ୍କାଳୀନ ଜିଲ୍ଲାପାଳ ଅବୋଲି ନରୱାନେ। ସେହି ସମୟରେ ଏହାର ସୁପରିଚାଳନା ପାଇଁ କଳାପାଟ ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେଠାରେ ଚା କଫି ସମେତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେଉଥିଲେ ପର୍ଯ୍ୟଟକ ତଥା ସ୍ଥାନୀୟ ବାସିନ୍ଦା । କିଛି ବର୍ଷ ଠିକ୍ ଠାକ୍ ଚାଲିଥିଲା ବେଳେ ଦୀର୍ଘ ୨ ବର୍ଷ ହେବ ମିଶନ ଶକ୍ତି କାଫେକୁ ବନ୍ଦ କରି ଦିଆଯାଇଛି । ଏହି ଘଟଣା ନେଇ ଜିଲ୍ଲାପାଳ ଅବଗତ ହେବା ପରେ ହିକୁଡି ଛକ ଠାରେ ପହଞ୍ଚି ତଦାରଖ କରିଛନ୍ତି । ତେବେ ମିଶନ ଶକ୍ତି କାଫେ ଗୃହର କିଛି ମରାମତି କରିବା ପାଇଁ ଏସଏଚଜିର ମହିଳା ମାନେ ଜିଲ୍ଲାପାଳ ଙ୍କୁ କହିଥିଲେ । ଯଥାଶୀଘ୍ର ଏହାର ମରାମତି କରାଯାଇ ମିଶନ ଶକ୍ତି କାଫେକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ବିଡ଼ିଓ ଦିଲ୍ଲୀପ ବାରା, ଡିପିଏମ, ବିପିଏମଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାରେ ୨୩ ଡାକ୍ତରଙ୍କ ପତ୍ତା ମିଳୁନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମରେ ନିଯୁକ୍ତି ପାଇଥିବା ୨୩ ଡାକ୍ତର ଗଲେ କୁଆଡ଼େ, ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କ ଖୋଜ୍ ଖବର ପାଇପାରୁନି । ନିଜ କାର୍ଯ୍ୟସ୍ଥଳରେ ବି ସେମାନେ ଅନୁପସ୍ଥିତ ରହୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହା ମଧ୍ୟରେ ସେମାନଙ୍କୁ ଯୋଗାଯୋଗ କରିବାକୁ ବହୁବାର ଉଦ୍ୟମ ବି ହୋଇଛି । ତଥାପି ସେମାନେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏହି ନିଖୋଜ ଡାକ୍ତରଙ୍କ ତାଲିକାରେ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାର ୭ ଜଣ ଡାକ୍ତର ଅଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ଏଭଳି ଡାକ୍ତରଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ସେମାନଙ୍କୁ ବହିଷ୍କୃତ ବି କରାଯାଇପାରେ । ମୁଖ୍ୟମନ୍ତ୍ରୀଙ୍କ ଚରମବାଣୀ ପରେ ନିଖୋଜ ଡାକ୍ତରଙ୍କ ମୁଣ୍ଡରେ ଖଣ୍ଡା ଝୁଲିବା ଆରମ୍ଭ ହୋଇଛି । କାରଣ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସଙ୍କଟ ଲାଗିରହିଥିବା ବେଳେ ୨୩ ଡାକ୍ତରଙ୍କ ଏଭଳି ଆଭିମୁଖ୍ୟ ସ୍ୱାସ୍ଥ୍ୟସେବାରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାର ୧୯ ଜଣ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ୨୦୨୪ରେ ସରକାରଙ୍କୁ ଚିଠି ଲେଖାଯାଇଛି । ଏମାନେ ଦୀର୍ଘ ଦିନ ହେବ ଛୁଟିରେ ରହିବା ସହ ଦାୟିତ୍ୱରେ ଅବହେଳା କରୁଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଏହାପରେ ୩ଜଣ ଡାକ୍ତର ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ । ହେଲେ ୧୬ ଜଣ ବର୍ତ୍ତମାନ ସୁଦ୍ଧା ଆସୁନାହାନ୍ତି । ଏହି ସୂଚୀରେ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସମେତ କୋଦଳା, ଚିକିଟି, ଶେରଗଡ଼, କବିସୂର୍ଯ୍ୟନଗର, ପୋଲସରା, ବଡ଼ଗଡ଼ ଓ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଲେଖାଏଁ ଡାକ୍ତର ଅଛନ୍ତି । ସେହିପରି ହିଞ୍ଜିଳି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ୪ ଜଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ଦୁଇଜଣ ରହିଛନ୍ତି। ସ୍ଥାନୀୟ ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ମଧ୍ୟ ସମାନ ଅବସ୍ଥା । ଏଠାରେ କାର୍ଯ୍ୟରତ ୭ ଜଣ ଡାକ୍ତର ବର୍ଷାଧିକ କାଳ ଅନୁପସ୍ଥିତ ରହୁଥିବା ସୂଚନା ମିଳିଛି । ୨୦୨୪ରେ କରାଯାଇଥିବା ଚିଠି ଅନୁସାରେ, ଏମ୍‌କେସିଜି ବଡ଼ ଡାକ୍ତରଖାନାର ପିଜିଓଲୋଜି ବିଭାଗର ଜଣେ ଆସୋସିଏଟ୍ ପ୍ରଫେସର ଓ ଜଣେ ଆସିଷ୍ଟାଣ୍ଟ ପ୍ରଫେସର, ଜେନେରାଲ୍ ମେଡ଼ିସିନ୍, ରେଡ଼ିଓଥେରାପି, ରେଡ଼ିଓ ଡ଼ାଏଗ୍ନୋସିସ୍, ଇଏନ୍‌ଟି ଓ ନ୍ୟୁରୋସର୍ଜରୀ ବିଭାଗର ଜଣେ ଲେଖାଏଁ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୭ ଜଣ ଡାକ୍ତର ଦୀର୍ଘ ଦିନ ଧରି ବିଭାଗକୁ ଆସୁନାହାନ୍ତି। ବର୍ତ୍ତମାନ ଜିଲ୍ଲାରେ ୪୦ ଲକ୍ଷ ଲୋକଙ୍କ ଚିକିତ୍ସା ପାଇଁ ମାତ୍ର ୩୨୫ ଡାକ୍ତର ଅଛନ୍ତି। କମ୍ ସଂଖ୍ୟକ ଡାକ୍ତରଙ୍କୁ ନେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା ନିମ୍ନଗାମୀ ହେଉଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ଶଙ୍କର ମିଶ୍ର କହିଛନ୍ତି ଅନୁପସ୍ଥିତ ରହୁଥିବା ଡାକ୍ତରମାନଙ୍କ ବିଷୟରେ ବହୁବାର ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି । ସରକାର ଏ ଦିଗରେ ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ବିଶ୍ୱ ସ୍ତରରେ ଯୋଗର ବ୍ୟାପକ ପ୍ରଚାର ପ୍ରସାର ଉପରେ ଉପ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**କେନ୍ଦୁଝର, ନ୍ୟୁଜ୍**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଶଙ୍କରପୁର ସ୍ଥିତ ଧରଣୀଧର କ୍ରୀଡ଼ା ପରିସର ଠାରେ ଜିଲ୍ଲା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଅନନ୍ୟ ଭାରତୀୟ ପରମ୍ପରା ଯୋଗକୁ ବିଶ୍ୱ ଦରବାରରେ ବିଦିତ କରି ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଚାର ପ୍ରସାର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ କୋଲକାତାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନର ସିଧାପ୍ରସାରଣକୁ ପ୍ରଦର୍ଶିତ କରାଯାଇଥିଲା। ଏହି ସାମୁହିକ ଯୋଗାଭ୍ୟାସରେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପ୍ରାୟ ୧ ହଜାର ଜନସାଧାରଣମାନେ ଯୋଗାଭ୍ୟାସ କରିଥିଲେ। ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ୍ କରିବା ପାଇଁ ଏକ ଶପଥପାଠ ଆୟୋଜିତ କରାଯାଇଥିଲା। ପରିଶେଷରେ ଯୋଗ ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୋଗ ସବୁ ବର୍ଗ ପାଇଁ ଉପକାରୀ




**ରେଢ଼ାଖୋଲ/ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଦ୍ୱାଦଶ ବିଶ୍ୱ ଯୋଗ ଦିବସ ଉପଲକ୍ଷରେ ଏକ ବିଶେଷ ଯୋଗ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ଯୋଗ ଆମର ଦୈନନ୍ଦିନ ଜୀବନରେ ଥିବା ଆବଶ୍ୟକତା ବିଷୟରେ ଆଲୋଚନା ହେବ ସହ ସ୍ଥାନୀୟ ଉର୍ବାନ ଆରୋଗ୍ୟ ମନ୍ଦିରର ଯୋଗ ପ୍ରଶିକ୍ଷକ ରୁବିନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସାଳୟର କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ । ଡାକ୍ତର ଅଂଶୁମାନ କରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଡାକ୍ତର ରାମକୃଷ୍ଣ ପତି, ଡାକ୍ତର ଶ୍ରୁଧାକର ଗଡ଼ତିଆ, ଡାକ୍ତର ବିକ୍ରମଦେବ ବାସକେ, ଡାକ୍ତର ଅଭିଷେକ ଦାସ, ଡାକ୍ତର ବାଳଗୋପାଳ ଶତପଥି ଆଦିଙ୍କ ସହ ଉପଖଣ୍ଡ ଚିକିତ୍ସାଳୟର ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଓ ଭାଗ ନେଇଥିଲେ । ରମେଶ ଚନ୍ଦ୍ର ପ୍ରଧାନ, ଜଳନ୍ଧର ସେଠି, ରବୀନ୍ଦ୍ର ପ୍ରଧାନ, କିଶୋର ପ୍ରଧାନ ଆଦି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟବସ୍ତୁ ଆଧାରରେ ଖୋର୍ଦ୍ଧା ରୋଡ଼ ସ୍ଥିତ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ ଷ୍ଟାଡିୟମ୍ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶାରୀରିକ ସ୍ୱାସ୍ଥ୍ୟ, ମାନସିକ କଲ୍ୟାଣ ଏବଂ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବାରେ ଯୋଗର ଭୂମିକା ଉପରେ ଏହି ବିଷୟବସ୍ତୁ ଗୁରୁତ୍ୱାରୋପ କରେ। ଏହି ସମାରୋହରେ ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ (DRM) ଡ. ସୁନୀଲଙ୍କ ସହ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ, ବିଭିନ୍ନ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଏବଂ ସାମଗ୍ରିକ କଲ୍ୟାଣ ବଜାୟ ରଖିବା ପାଇଁ ଯୋଗକୁ ଏକ ନିୟମିତ ଅଭ୍ୟାସ ଭାବରେ ଆପଣେଇବାକୁ ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରାଯାଇଥିଲା। ଯୋଗ ଜୀବନରେ ସନ୍ତୁଳନ, ସ୍ୱଚ୍ଛତା, ଏକାଗ୍ରତା ଏବଂ ସକାରାତ୍ମକତା ଆଣିବାରେ ସାହାଯ୍ୟ କରେ। ବାଜପୁର, ଖୋର୍ଦ୍ଧାର ପି.ଜି.ଟି, ଯୋଗ ଚିକିତ୍ସକ ତଥା ଧ୍ୟାନ ପ୍ରଶିକ୍ଷକ ସ୍ୱପ୍ନେଶ୍ୱର ପରମଗୁରୁ ଏବଂ ପୁରୀ ସ୍ଥିତ ଦିବ୍ୟ ଯୋଗ ପ୍ରଶିକ୍ଷଣ ଓ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ପରାମର୍ଶଦାତା ମଧୁସ୍ମିତା ଦାଶ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବାରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ବିଭିନ୍ନ ଯୋଗ ଆସନ ଏବଂ ପ୍ରାଣାୟାମ କୌଶଳ ମଧ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ନିୟମିତ ଯୋଗ ଅଭ୍ୟାସ କରିବା ସହ ଏକ ସୁସ୍ଥ ସମାଜ ଓ ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗଦାନ କରିବାକୁ ଶପଥ ନେଇଥିଲେ। ଖୋର୍ଦ୍ଧା ରୋଡ଼ ଠାରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମ ବ୍ୟତୀତ ବ୍ରହ୍ମପୁର, କଟକ, ପାରାଦୀପ, ତାଳଚେର, ଅନୁଗୁଳ, ଭଦ୍ରକ, କେନ୍ଦୁଝରଗଡ଼ ଏବଂ ପୁରୀ ଷ୍ଟେସନ୍ ସମେତ ମଣ୍ଡଳର ରେଳବାଇ ବିଦ୍ୟାଳୟ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସରେ ମଧ୍ୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ଯେଉଁଥିରେ ରେଳ ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ଅନ୍ତର୍ଗତ ବୃନ୍ଦାବନ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୪୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ବୃନ୍ଦାବନ ଗ୍ରାମର ମଦନ ଧଳ ନାମକ ଜନୈକ ୪୦ ବର୍ଷୀୟ ବ୍ୟକ୍ତି ନିଜ ଘରେ କୌଣସି କାମ କରିସାରିବା ପରେ ଲମ୍ବା ଯାଇଥିବା ବିଦ୍ୟୁତ୍ ତାର ଗୁଡାଉ ଥିଲେ । ଇଲେକ୍ଟ୍ରି ବୋର୍ଡରେ ପିନ୍ ଲାଗି ବିଦ୍ୟୁତ୍ ସରବରାହ ଥିବାବେଳେ ତାର ଗୁଡାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ତାଙ୍କୁ ତୁରନ୍ତ ବୌଦ୍ଧ ଡାକ୍ତରଖାନା ଅଣାଯାଇଥିଲା ଓ ଡାକ୍ତର ମୃତ ଘୋଷଣା କରିଥିଲେ । ବୌଦ୍ଧ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି । ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

# ତାଳଚେର-ଧାମରା ଜାତୀୟ ଜଳପଥ ପ୍ରକଳ୍ପ ପାଇଁ ପ୍ରୟାସ ଜାରି




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷ ଧରି ଯାଜପୁରକୁ ରେଳ ସଂଯୋଗ ହୋଇପାରିନଥିଲା। କିନ୍ତୁ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ପରେ ଯାଜପୁର-ଧାମରା ରେଳ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ। ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜାତୀୟ ଜଳପଥ-୫ ପ୍ରକଳ୍ପ ପାଇଁ ପ୍ରୟାସ ଚାଲିଛି । ଏହା ଆମର ନୌବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର କରିବ, ଯାହାଦ୍ୱାରା ଯାଜପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ଜିଲ୍ଲାସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ମିଳନୀରେ ଯୋଗଦେଇ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଏହି ସମ୍ମିଳନୀ ୨୧ ଜୁନ୍ ରୁ ୨୩ ଜୁନ୍ ଯାଏଁ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସଦ ଡ. ବେହେରା କହିଛନ୍ତି ଯେ ଯାଜପୁର ଜିଲ୍ଲାର ଜଣେ ଛାତ୍ର କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଜାତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ଏହା ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ପାଇଁ ସରକାରଙ୍କ ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ଦିଗରେ ଏକ ଉଦାହରଣ। ଯାଜପୁରର ବୌଦ୍ଧ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ସହ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ଗୋପାଳପୁରରେ ହସ୍ତତନ୍ତ ପାର୍କ ପ୍ରତିଷ୍ଠା କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏହାସହ କଳିଙ୍ଗନଗରରେ ଏକ ଏୟାରପୋର୍ଟ କରିବା ପାଇଁ ଦାବି ରଖାଯାଇଛି ଏବଂ ବିକଶିତ ଯାଜପୁର ଗଢ଼ିବା ଆମ ସ୍ୱପ୍ନ ବୋଲି ସାଂସଦ କହିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ନିଜ ବକ୍ତବ୍ୟରେ ଗତ ଦୁଇ ବର୍ଷରେ ଯାଜପୁର ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ସରକାରୀ ଯୋଜନାର ସଫଳତା ଏବଂ ପ୍ରଶାସନର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବିକାଶର ଏକ ନୂତନ ଫର୍ଦ୍ଦ ଭାବେ ଆଉ କିଛି ମାସ ମଧ୍ୟରେ ଜିଲ୍ଲାର କିଡନୀ ରୋଗୀ ଦାନଗଦୀରେ ହେଉଥିବା ଡାଇଲିସିସ କେନ୍ଦ୍ରରେ ଚିକିତ୍ସିତ ହୋଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଜିଲ୍ଲାର ବିଭିନ୍ନ ନାଟକ ଅନୁଷ୍ଠାନ ଏବଂ ପ୍ରତିଭାବାନ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କିତ ଏକ ସୁନ୍ଦର ନାଟକ ପ୍ରଦର୍ଶିତ ହୋଇଥିଲା। ଏହାସହ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉପଲକ୍ଷେ ସଂସ୍କୃତି ଭବନ ପରିସରରେ ଦକ୍ଷତା ବିକାଶ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ସୁଭଦ୍ରା ଶକ୍ତି ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିକାଶମୂଳକ ଯୋଜନା ଭିତ୍ତିକ ଷ୍ଟଲ୍ ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀଗଣ, ବୁଦ୍ଧିଜୀବୀ, ସମାଜସେବୀ ଗୌତମ ରାୟ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ରକ୍ତ ଶିକୁଳି ପରିବାରର ମାନସିକ ଓ ଆର୍ଥିକ ମାନଦଣ୍ଡକୁ ଦୋହଲାଇଦିଏ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଜିଲ୍ଲା ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏନେଇ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଠାରେ ରୁପ୍ସା, ବାହାନଗା ଓ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଆଶା କର୍ମୀମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଜେନା ତାଙ୍କର ଅଭିଭାଷଣରେ କହିଥିଲେ ଯେ, ସମସ୍ତ ୪୦ ବର୍ଷରୁ କମ୍ ପୁରୁଷ ଏବଂ ସ୍ତ୍ରୀ ଲୋକଙ୍କର ରକ୍ତ ଶିକୁଳି ରୋଗର ଚିହ୍ନଟି କରଣ ନିମନ୍ତେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବା ପାଇଁ ମତ ପୋଷଣ କରିଥିଲେ। ଡାକ୍ତର ଅମୂଲ୍ୟ କୁମାର ଦାସ ରକ୍ତ ଶିକୁଳି ରୋଗ କିପରି ଗୋଟାଏ ପରିବାରର ମାନସିକ, ସାମାଜିକ ଏବଂ ଆର୍ଥିକ ମାନଦାଣ୍ଡକୁ ଦୋହଲାଇ ଦେଇଥାଏ ତା' ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ମଞ୍ଚାସୀନ ଡାକ୍ତର ମନୋଜ ସାହୁ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ମୃତ୍ୟୁଞ୍ଜୟ ଉପାଧ୍ୟାୟ ଏହି ରୋଗର ଭୟା ବହତା ଉପରେ ଆଲୋକପାତ କରିଥିଲେ। ପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ କୃତି ପ୍ରତିଯୋଗୀ ଏବଂ ଚଳିତ ବର୍ଷରେ ସର୍ବାଧିକ ରକ୍ତ ଶିକୁଳି ରୋଗ ନିମନ୍ତେ ପରୀକ୍ଷା କରିଥିବା ଲାବୋରେଟୋରୀ ଟେକ୍‌ନିସିଆନ୍ ତିନି ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଜିଲ୍ଲା ସହକାରୀ ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା । ଶେଷରେ ଚକ୍ରଧର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ଗାଧୋଇବାକୁ ଆସି ଯୁବକ ନିଖୋଜ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବିରୂପା ନଦୀକୁ ଗାଧେଇବାକୁ ଆସିଥିବା ଜଣେ ଯୁବକ ନିଖୋଜ ହୋଇଥିବା ଜଣାପଡିଛି । ନିଖୋଜ ଯୁବକ ଜଣକ ହେଲେ କୋରାପୁଟ ଜିଲ୍ଲାର ଜ୍ୟୋତିଷ ପେରପେକା। ସେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ଏବଂ ଚୌଦ୍ୱାର ବ୍ୟାରେଜ୍ ନିକଟ ବିରୂପା କୂଳରେ କମ୍ପାନୀ ତରଫରୁ ତିଆରି ହୋଇଥିବା ଅସ୍ଥାୟୀ ବସ୍ତିରେ ରହୁଥିଲେ । ରବିବାର ପାଖାପାଖି ୫ଟା ସମୟରେ ୪ଜଣ ସାଙ୍ଗ ଏକାଠି ହୋଇ ନିକଟସ୍ଥ ବିରୂପା ନଦୀକୁ ଗାଧୋଇବାକୁ ଆସିଥିଲେ । ନଦୀରେ ଗାଧୋଉଥିବା ବେଳେ ହଠାତ୍ ସେ ଗଭୀର ପାଣିକୁ ଚାଲିଯାଇ ନିଖୋଜ ହୋଇଯାଇଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ ବାହିନୀ ଓ ଜଗତପୁର ପୋଲିସ ପହଞ୍ଚି ନିଖୋଜ ଯୁବକଙ୍କୁ ଖୋଜା ଖୋଜି ଜାରି ରଖିଛନ୍ତି । ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଥିଲା ।

## ବଜ୍ରାଘାତରେ ୩ ଗୋରୁ ମୃତ:କ୍ଷତିପୂରଣ ଦାବି କଲେ ମାଲିକ



**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଦେଉରାଇଡ଼ିହି ଗ୍ରାମରେ ବଜ୍ରାଘାତରେ ତିନୋଟି ଗୋରୁଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଦେଉରାଇଡ଼ିହି ଗ୍ରାମ ନିକଟରେ ଗୋରୁଗୁଡ଼ିକ ଚରୁଥିବା ସମୟରେ ହଠାତ୍ ବଜ୍ରାଘାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେହି ଗ୍ରାମର ପାଲୁ ହାଁସଦାଙ୍କ ଏକ ଗାଇ, ସୁରାଇ ହାଁସଦାଙ୍କ ଏକ ବଳଦ ଏବଂ ବାଜିନାଥ ମୁର୍ମୁଙ୍କ ଏକ ବଳଦ ସମେତ ମୋଟ୍ ତିନୋଟି ଗୋରୁଙ୍କର ମୃତ୍ୟୁ ଘଟିଥିଲା। ଗୋରୁ ମୃତ୍ୟୁ ସମ୍ପର୍କରେ ଗ୍ରାମବାସୀ ଓ ଗୋରୁ ମାଲିକମାନେ ତୁରନ୍ତ ଅଁଳାଯୋଡ଼ି ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇଥିଲେ। ଖବରପାଇ ସ୍ଥାନୀୟ ପ୍ରାଣୀଧନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋରୁ ଗୁଡ଼ିକର ଶବ ବ୍ୟବଚ୍ଛେଦ କରିଛନ୍ତି। ଉଭୟ ବଳଦ ଓ ଗାଇ ହରାଇବା ପରେ ସେମାନଙ୍କର ଜୀବିକା ବିପନ୍ନ ହୋଇପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ଉପଯୁକ୍ତ ସରକାରୀ କ୍ଷତିପୂରଣ ଯୋଗାଇ ଦେବାପାଇଁ ଗୋରୁ ମାଲିକ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମ / ଲଗ୍ନ | ୧୧ | ଶୁ୧୦ / ୯ରା |
| ୨ବୃଶୁବୁ | ୧୩ / ୬ | ୮ |
| ୩କେ / ୪ର | ୫ | ୭ / ୬ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୬।୨୦୨୬, ଜ୍ୟୈଷ୍ଠ ଦ୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୧୮ ଚନ୍ଦ୍ରୋଦୟ- ଦିଘ ୧୨।୫୯।୧୩**

ନବମୀ ଦିଘ ୪।୪୧ ପର୍ଯ୍ୟନ୍ତ, ହସ୍ତା ନକ୍ଷତ୍ର ଦିଘ ୧୧।୫୬ ପର୍ଯ୍ୟନ୍ତ। **କନ୍ୟା ଚନ୍ଦ୍ର-** ରାଘ ୧୨।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର। ରାଘ ୧୨।୫୫ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୪।୪୧ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଦିଘ ୬।୫୩ ମଧ୍ୟେ। ଦିଘ ୯।୩୮ ଗତେ ଦିଘ ୧୨।୧୭ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ। ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଦୂରଯାତ୍ରା କରିପାରନ୍ତି ।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ଚାକିରୀକ୍ଷେତ୍ରରେ ବାଧା ଦେଖାଦେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହୋଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ମିଥୁନ:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ମାମଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ ।



**ସିଂହ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଆୟର ପରିମାଣ ସ୍ଥିର ରହିବ। ଘରେ ଶାନ୍ତି ଲାଭ। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଭ୍ରମଣ ମଧ୍ୟ କରିପାରନ୍ତି ।



**କନ୍ୟା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ସୁଖ ଲାଭ ହେବ। ସାଧନାରେ ସିଦ୍ଧି ଲାଭ କରିବେ। ଶରୀର ସୁସ୍ଥ ରହିବ। ମହିଳାମାନେ ସୁଖୀ ହେବେ। ଦୂରଯାତ୍ରା କରିପାରନ୍ତି ।



**ତୁଳା:** ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର। ଖର୍ଚ୍ଚର ମାତ୍ରା ସାମାନ୍ୟ ବୃଦ୍ଧି ପାଇବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ବିଛା:** ପାରିବାରିକ ସୁଖ ମିଳିବ। ଶୁଭ ଖବର ପାଇ ଆନନ୍ଦିତ ହେବେ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ଆୟ ଓ ବ୍ୟୟ ସମାନ ରହିବ। ଭ୍ରମଣ ଯୋଗ ରହିଛି ।



**ଧନୁ:** ସାଧନାରେ ସିଦ୍ଧି ଲାଭ କରିବେ। ବ୍ୟବସାୟରେ ଲାଭବାନ୍ ହେବେ। ଆୟର ପରିମାଣ ସାମାନ୍ୟ ବୃଦ୍ଧି ପାଇବ। ଘରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ ।ବନ୍ଧୁ ଦର୍ଶନର ସୂଚନା ରହିଛି ।



**ମକର:** ଛୋଟ ଛୋଟ କଥାରେ ସମାଲୋଚିତ ହୋଇପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ନୂତନ କାର୍ଯ୍ୟ ଆରମ୍ଭ ।



**କୁମ୍ଭ:** କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ବ୍ୟୟ ଯୋଗ ରହୁଛି। ଆର୍ଥିକ ଅଭାବ ଅନଟନ ଦେଖାଦେଇପାରେ। ଘରେ ବିଶୃଙ୍ଖଳା ଦେଖାଦେବ। ବନ୍ଧୁଙ୍କ ସହ କଳହ ଦେଖାଦେବ । ମନ ଅସ୍ଥିର ରହିବ ।



**ମୀନ:** କାର୍ଯ୍ୟକ୍ଷେତ୍ରରେ ଶୁଭଫଳ ମିଳିବ। ଆୟର ପରିମାଣ ବୃଦ୍ଧି ହେବ। ପାରିବାରିକ ଶାନ୍ତି ମିଳିବ। ପରୋପକାରୀ ହେବେ। ଦେହ ଓ ମନ ଭଲ ରହିବ। ବନ୍ଧୁ ମିଳନ ସହିତ ଭ୍ରମଣ ଯୋଗ ରହିଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୬।୨୦୨୬, ଜ୍ୟୈଷ୍ଠ ଦ୧୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୩୧ ଚନ୍ଦ୍ରୋଦୟ- ଦିଘ ୧।୫୦।୨୩**

ଦଶମୀ ସଂଘ ୬।୧୫ ପର୍ଯ୍ୟନ୍ତ, ଚିତ୍ରା ନକ୍ଷତ୍ର ଦିଘ ୧।୫୮ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୬।୧୫ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୩ ଗତେ ଦିଘ ୮।୩୩ ମଧ୍ୟେ। ଦିଘ ୧୦।୧୧ ଗତେ ଦିଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-** ଗଙ୍ଗା ଦଶହରା, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତ ଫୋର୍ଜ ଶେୟାର ପାଇଲା ୪୨୫ କୋଟିର ଅର୍ଡର

ଆମେରିକା ଇରାନ ଯୁଦ୍ଧ ପାଇଁ ବିଗତ ସପ୍ତାହରେ ଶେୟାର ବଜାରରେ ବଡ଼ ଧରଣର ହ୍ରାସ ରେକର୍ଡ କରାଯାଇଛି, ହେଲେ ଏହି ମାନ୍ଦାବସ୍ଥା ମଧ୍ୟରେ କିଛି କମ୍ପାନୀର ଷ୍ଟକ୍ ବଜାରରେ କମାଲ୍ କରିଛନ୍ତି । ଆସନ୍ତା ସପ୍ତାହରେ ମଧ୍ୟ ବଜାରରେ ଏଭଳି କିଛି ହଲଚଲ ଦେଖିବାକୁ ମିଳିପାରେ । ବିଶେଷ କରି ପ୍ରତିରକ୍ଷା କ୍ଷେତ୍ରର ପ୍ରମୁଖ କମ୍ପାନୀ ଭାରତ ଫୋର୍ଜର ଶେୟାର ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଏହାର ମୁଖ୍ୟ କାରଣ ହେଉଛି କମ୍ପାନୀକୁ ସରକାରଙ୍କ ତରଫରୁ ମିଳିଥିବା ଏକ ବଡ଼ ଅର୍ଡର, ଯାହାର ମୂଲ୍ୟ ପ୍ରାୟ ୪୨୫ କୋଟି ଟଙ୍କା । ନିବେଶକଙ୍କ ପାଇଁ 'ମଲ୍ଟିବ୍ୟାଗର' ସାବ୍ୟସ୍ତ ହେଲା ଏହି ଡିଫେନ୍ସ ଷ୍ଟକ୍: ପ୍ରତିରକ୍ଷା କ୍ଷେତ୍ରର ଏହି କମ୍ପାନୀ ନିଜ ନିବେଶକମାନଙ୍କୁ ଦୀର୍ଘ ଅବଧିରେ ବମ୍ପର ରିଟର୍ଣ୍ଣ ଦେଇ ମାଲେମାଲ କରିଛି । ୯ ଅପ୍ରେଲ ୨୦୨୦ରେ କମ୍ପାନୀର ଗୋଟିଏ ଶେୟାରର ମୂଲ୍ୟ ମାତ୍ର ୨୪୫ ଟଙ୍କା ଥିଲା । ବିଗତ ଶୁକ୍ରବାର (ମାର୍କେଟ୍ କ୍ଲୋଜିଂ) ଏହି ଶେୟାରର ମୂଲ୍ୟ ବୃଦ୍ଧି ପାଇ ୨,୦୩୬ ଟଙ୍କାରେ ବନ୍ଦ ହୋଇଛି । ଏହି ଅବଧି ମଧ୍ୟରେ ନିବେଶକମାନଙ୍କୁ ପ୍ରାୟ ୭୨୯ ପ୍ରତିଶତର ଜବରଦସ୍ତ ରିଟର୍ଣ୍ଣ ମିଳିଛି, ଅର୍ଥାତ୍ ନିବେଶକଙ୍କ ଟଙ୍କା ୮ ଗୁଣରୁ ଅଧିକ ବୃଦ୍ଧି ପାଇଛି । ବିଗତ ୬ ମାସ ହେବ ଜାରି ରହିଛି ଦେଶୀ ଷ୍ଟକର ଦବଦବା । ଭାରତ ଫୋର୍ଜର ବଜାର ପୁଞ୍ଜି ଏବେ ୯୭,୩୪୦ କୋଟି ଟଙ୍କାରେ ପହଞ୍ଚିଛି । ୫୨ ସପ୍ତାହର ସର୍ବୋଚ୍ଚ ସ୍ତର ୨,୦୫୯.୫୦ ଟଙ୍କା, ୫୨ ସପ୍ତାହର ସର୍ବନିମ୍ନ ସ୍ତର ୧,୧୦୦.୫୦ ଟଙ୍କା, ବିଗତ ୬ ମାସ ମଧ୍ୟରେ ଏହି ଷ୍ଟକ୍ ଗ୍ରାହକମାନଙ୍କୁ ପ୍ରାୟ ୪୦ ପ୍ରତିଶତ ରିଟର୍ଣ୍ଣ ଦେଇଛି । ସେହିପରି ବିଗତ ୫ ବର୍ଷରେ ଏହାର ରିଟର୍ଣ୍ଣ ୧୮୦ ପ୍ରତିଶତ ରହିଛି । କାହିଁକି ଚର୍ଚ୍ଚାରେ ଅଛି Bharat Forge ଶେୟାର ? ପିଟିଆଇ ରିପୋର୍ଟ ଅନୁଯାୟୀ, କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ଦିଆଯାଇଥିବା ସୂଚନା ଅନୁସାରେ, ସେମାନଙ୍କୁ ରକ୍ଷା ମନ୍ତ୍ରଣାଳୟ ତରଫରୁ ଭାରତୀୟ ନୌସେନା ପାଇଁ ଏକ ବଡ଼ କଣ୍ଟ୍ରାକ୍ଟ ମିଳିଛି । କଣ୍ଟ୍ରାକ୍ଟର ମୁଖ୍ୟ ପ୍ରସଙ୍ଗ ଭାରତୀୟ ନୌସେନା ପାଇଁ ଗ୍ୟାସ୍ ଟର୍ବାଇନ୍ ଜେନେରେଟର ଯୋଗାଇବା, ମୋଟ ମୂଲ୍ୟ ୪୨୫ କୋଟି ଟଙ୍କା, ଏହି କଣ୍ଟ୍ରାକ୍ଟକୁ ଶେଷ କରିବା ପାଇଁ ଭାରତ ଫୋର୍ଜକୁ ୫ ବର୍ଷ ସମୟ ଦିଆଯାଇଛି, କମ୍ପାନୀ ୧.୨୫ ମେଗାୱାଟ କ୍ଷମତା ବିଶିଷ୍ଟ ୧୨ଟି ମରାଇନ୍ ଗ୍ୟାସ୍ ଟର୍ବାଇନ୍ ଜେନେରେଟରର ସେଟ୍ ପ୍ରସ୍ତୁତ କରିବ । ନୂଆଦିଲ୍ଲୀରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂଙ୍କ ଉପସ୍ଥିତିରେ ରକ୍ଷା ମନ୍ତ୍ରଣାଳୟ ଏବଂ ପୁଣେ ସ୍ଥିତ ଭାରତ ଫୋର୍ଜ ଲିମିଟେଡ୍ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ପ୍ରୋତ୍ସାହନ ଦେଇ ଏହି ଜେନେରେଟରଗୁଡ଼ିକରେ ଅନ୍ୟୁନ ୬୦ ପ୍ରତିଶତ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯିବ । ସରକାରଙ୍କ ଏହି ବଡ଼ ନିଷ୍ପତ୍ତି ପରେ ଆସନ୍ତା ସପ୍ତାହରେ ଭାରତ ଫୋର୍ଜର ଶେୟାର ଆହୁରି ଉପରକୁ ଯାଇପାରେ ବୋଲି ବଜାର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

#### ବେଙ୍ଗଫୁଲା

ଶ୍ରଦ୍ଧେୟ ଭକ୍ତବୃନ୍ଦ, ବେଙ୍ଗ ହେଉଛି ଉଭୟ ଚରପ୍ରାଣୀ, ସେ ସ୍ଥଳରେ ବୁଲିପାରିବ, ଜଳରେ ବୁଡି ପାରିବ । କିନ୍ତୁ ବେଙ୍ଗଫୁଲା ଖାଲି ପାଣିରେ ରହିଥାଏ । ସେ ଉପରକୁ ଉଠିଲା ପରେ ମରିଯିବ । ତାହାର କାରଣ କଣ ? ତାହାର କାରଣ ହେଉଛି ତା ନିଜର ଲାଞ୍ଜ । ଲାଞ୍ଜ ଛିଡିଲେ ଯାଇଁ ସେ ଉଭୟଚର ପ୍ରାଣୀ ହୋଇପାରିବ । ନଚେତ୍ ବୃଥା । ସେହିପରି ଆମେ ଭକ୍ତ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ଆମେ ଶିଷ୍ୟ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ପ୍ରଥମେ ଏହାକୁ ତୁମେ ବିଶ୍ଳେଷଣ କର । ନଚେତ୍ ନାଗସାପ କଣ ତୁମକୁ ଧଣ୍ଡସାପ ମାନେ ଖାଇଯିବେ । ତେଣୁ ସାବଧାନ । ତାହେଲେ ତୁମର ଲାଞ୍ଜଟିର ଅର୍ଥ କଣ? ଏ ଲାଞ୍ଜଟିର ଅର୍ଥ(ମୋହ,ମାୟା)ରୂପକ ସଂସାର । ତେଣୁ ହେ ଭକ୍ତ, ହେ ଶିଷ୍ୟ ହେ ମନୁଷ୍ୟ ସାବଧାନ । ନିଜକୁ ଜଗ, କାରଣ ଜଗିଲେ ଯୋଗ୍ୟ, ନଚେତ ଯୋଗ୍ୟ ବେଶ୍‌ଥିବ କିନ୍ତୁ ଭୋଗୀ ଖାତରେ ପଡି ନାମ ନଉଥିବ । ଏଥିରେ କାହାର କିଛି ହେବନାହିଁ, ଏଥିରେ କ୍ଷତି କିନ୍ତୁ ତୁମରି ହେବ । ହରିଓଁ ।

#### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ । ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାତି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ । (କ୍ରମଶଃ...)

# ଅନନ୍ୟ ସାଧକ ଓଡିଶୀ ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନ



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

ସମୟର ଗତି ଖୁବ୍ ପ୍ରଖର । ସମୟର ସ୍ରୋତରେ ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଗଡି ଚାଲେ । ପଛରେ ରହିଯାଏ ଅତୀତ ଇତିହାସର ଅନେକ ମହାନ ବ୍ୟକ୍ତିଙ୍କ କୃତି ଆଉ କୀର୍ତ୍ତି । ଜଗନ୍ନାଥଙ୍କ ପାବନ ଭୂମି ଓଡ଼ିଶାରେ କେତେଯେ ସାଧକ ଜନ୍ମ ନେଇ ନିଜର କଳାକୃତି ମାଧ୍ୟମରେ ଏହି ମାଟିକୁ କୀର୍ତ୍ତିମୟ ଦେଇ ଯାଇଅଛନ୍ତି ତାହାର ହିସାବ ନାହିଁ । ସମୟ ଓ ସଭ୍ୟତାର ପ୍ରଭାବରେ ମଣିଷମାନେ ଭୁଲି ଯାଇଛନ୍ତି, ସେମାନଙ୍କର ସ୍ୱର୍ଣ୍ଣିମ ଅତୀତକୁ । ଭୁଲିଯାଇଛନ୍ତି ସେମାନଙ୍କ ପୂର୍ବ ପୁରୁଷମାନଙ୍କୁ, ସେମାନଙ୍କୁ ମନେପକାଇବା ପାଇଁ, ମୋର ଏହି ଆଲେଖ୍ୟ, "ଅନନ୍ୟ ସାଧକ ଓଡିଶୀ ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନ" ପୁରୀ ଜିଲ୍ଲା ଚିଲିକା କୂଳସ୍ଥ ଗୋଟିଏ ଛୋଟ ଗ୍ରାମରେ ଗଙ୍ଗାଧର ବାବୁ ୧୦ଜୁଲାଇ ୧୯୪୮ ଦିନ ଜନ୍ମଲାଭ କରି , ଅଳ୍ପ ବୟସରେ ୨୦୧୦ ଅକ୍ଟୋବର୧୦ ତାରିଖ ଦିନ ମୃତ୍ୟୁ ବରଣ କରିଥିଲେ। ଗୋଟିଏ ସାଧାରଣ କୃଷକ ପରିବାରରେ ଜନ୍ମିତ ଗଙ୍ଗାଧର, ମାତ୍ର ଛଅ ବର୍ଷ ବୟସରେ ନିଜ ଗ୍ରାମ ଠାରୁ ଅଳ୍ପ ଦୂରରେ ଅବସ୍ଥିତ ଡିମିରିସେଣା ଗ୍ରାମର ପ୍ରସିଦ୍ଧ ଗୋଟିପୁଅ ନାଟ୍ୟଗୁରୁ ପଣ୍ଡିତ ଚନ୍ଦ୍ରଶେଖର ଚାଇନାୟକଙ୍କ ଗୋଟିପୁଅ ନୃତ୍ୟ କେନ୍ଦ୍ରରେ ଯୋଗ ଦେଇ ଗୋଟିପୁଅ ନାଟ୍ୟଗୁରୁ ବାଞ୍ଛାନିଧି ପ୍ରଧାନ, ମହାଦେବ ରାଉତ ଓ ବୀରବର ସାହୁଙ୍କ ନିକଟରୁ ଗୋଟିପୁଅ ନୃତ୍ୟ ଶିକ୍ଷାଲାଭ କରିବା ପରେ, ଗୁରୁ ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ମାଧ୍ୟମରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଓଡିଶୀ ନୃତ୍ୟ ଶିକ୍ଷା ନିମନ୍ତେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଏହିକି, ସେହି ସମୟରେ ଓଡିଶୀ ନୃତ୍ୟ ଶିକ୍ଷାଲାଭ ନିମନ୍ତେ ନିମ୍ନତମ ଯୋଗ୍ୟତା ଥିଲା ମାଟ୍ରିକୁଲେସନ । ଗଙ୍ଗାଧର ଅଳ୍ପ ଶିକ୍ଷିତ ଥିବାରୁ ଯୋଗଦେବାର ପ୍ରଥମାବସ୍ଥାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେତେବେଳେ ନୃତ୍ୟ ମହାବିଦ୍ୟାଳୟ ସଙ୍ଗୀତ ନାଟକ ଏକାଡେମୀ ଅଧୀନରେ ଥିଲା । ଗଙ୍ଗାଧର ବାବୁଙ୍କ ପ୍ରତିଭାରେ ବିମୁଗ୍ଧ ଏକାଡେମୀର କର୍ମକର୍ତ୍ତା କବିଚନ୍ଦ୍ର କାଳୀଚରଣ, ଧୀରେନ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ସମ୍ବିଧାନ ସଂଶୋଧନ କରି, ଗଙ୍ଗାଧର ଓ ତାଙ୍କର ଅନେକ ସହଗାମୀମାନଙ୍କୁ ନୃତ୍ୟମହାବିଦ୍ୟାଳୟରେ ଯୋଗଦାନର ସୁଯୋଗ ମିଳିଥିଲା । ଉଚ୍ଚଶିକ୍ଷା କେବଳ ଜୀବନର ମାନଦଣ୍ଡ ନୁହେଁ, ଜଣେ ପ୍ରତିଭାବାନ ଶିଳ୍ପୀ, ନିଜର ସାଧ୍ୟ ଓ ସାଧନା ବଳରେ ସମାଜର ଶୀର୍ଷ ସ୍ଥାନରେ ପହଞ୍ଚିପାରେ, ତାହାହିଁ ଗଙ୍ଗାଧରବାବୁଙ୍କ ଜୀବନରେ ଘଟିଥିଲା। ନିଜର କଠୋର ଅଧ୍ୟବସାୟ ବଳରେ ସେ କୃତିତ୍ୱର ସହ ନାଟ୍ୟ ମହାବିଦ୍ୟାଳୟରୁ ନୃତ୍ୟାଚାର୍ଯ୍ୟ ସମ୍ମାନ ଲାଭ କରିବାପରେ, ତତ୍କାଳୀନ ସମୟରେ ବିଶିଷ୍ଟ ଗୁରୁ ପଙ୍କଜ ଚରଣ ଦାସ,



ଦେବ ପ୍ରସାଦ ଦାସ, ମିନତୀ ମିଶ୍ର ଓ ଧୀରେନ ପଟ୍ଟନାୟକଙ୍କ ଠାରୁ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବିଶେଷ ଜ୍ଞାନ ଲାଭ କରିବା ସହିତ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ସିନିୟର ଫେଲୋସିପ ପାଇଁ, ତତ୍କାଳୀନ ପ୍ରସିଦ୍ଧ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଅଧୀନରେ ଓଡିଶୀ ନୃତ୍ୟର ବିଭିନ୍ନ ଦିଗ ଉପରେ ବିଶେଷ ଗବେଷଣା କରି ଜଣେ ପ୍ରତିଭାବାନ ସ୍ୱୟଂ ସଂପୂର୍ଣ୍ଣ ନୃତ୍ୟଗୁରୁ ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଗୀତଂ ବାଦ୍ୟଞ୍ଚ ନୃତ୍ୟଞ୍ଚ ତ୍ରୟ ସଙ୍ଗୀତ ମୁଚ୍ୟୁତେ, ଗୀତ ଓ ନୃତ୍ୟ କ୍ଷେତ୍ରରେ ଶିକ୍ଷାଲାଭ ପରେ,ଗଙ୍ଗାଧର ଅନୁଭବ କଲେ, ବାଦ୍ୟଜ୍ଞାନ ବ୍ୟତୀତ ନୃତ୍ୟଶିଳ୍ପୀ ଜୀବନ ନିରର୍ଥକ, ଜଣେ ନୀରବ ସାଧକ, ଜୀବନରେ ଯାହା ଖୋଜେ ତାହା ପାଇଯାଏ । ଓଡିଶୀ ନୃତ୍ୟର ମୁଖ୍ୟବାଦ୍ୟ ମର୍ଦ୍ଦଳ । ସେହି ସମୟର ତାଳ-ବାଦ୍ୟ ବିଶାରଦ ଗୁରୁ ସିଂହାରୀ ଶ୍ୟାମ ସୁନ୍ଦର କର ଓ ଗୁରୁ ବନମାଳୀ ମହାରଣାଙ୍କ ନିକଟରେ ଦୀର୍ଘ ପାଞ୍ଚ ବର୍ଷଧରି କଠୋର ପରିଶ୍ରମ ପୂର୍ବକ, ତାଳ-ବାଦ୍ୟ ଶିକ୍ଷାଲାଭ କରିବା ପରେ ତତ୍କାଳୀନ ବିଶ୍ୱପ୍ରସିଦ୍ଧ ଓଡିଶୀ ନୃତ୍ୟାଙ୍ଗନା, ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ, ତାଙ୍କ ନୃତ୍ୟ ଦଳରେ ମର୍ଦ୍ଦଳ ବାଦକ ରୂପେ ଯୋଗଦେଇ ସମଗ୍ର ଦେଶ ଓ ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଓଡିଶୀ ନୃତ୍ୟର ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିବାପରେ ସେ ଅନୁଭବ କରିଥିଲେ, ନିଜର ଲକ୍ଷ୍ୟପୂରଣ ନିମନ୍ତେ ଗୋଟିଏ ଅନୁଷ୍ଠାନର ଆବଶ୍ୟକତା, ଦେଶ ସ୍ୱାଧୀନ ହେବାର ଦଶ ବର୍ଷ ପରେ, ୧୯୫୪ ମସିହାରେ ଜନ୍ମଲାଭ କରିଥିବା ଓଡ଼ିଶୀ ନୃତ୍ୟ, ୧୯୭୦ ଯାଏଁ, କେବଳ କଟକ ସହର ମଧ୍ୟରେ ସୀମାବଦ୍ଧ ରହି ସ୍ଥିତିରକ୍ଷା ନିମନ୍ତେ ସଂଘର୍ଷ କରୁଥିଲା । ସେହି ସମୟରେ ଯଦିଓ ଗଞ୍ଜାମ ଓ ପୁରୀ ଜିଲ୍ଲାରେ ଓଡ଼ିଶୀ ନୃତ୍ୟର ପୂର୍ବଜ ମାନେ ପାରମ୍ପରିକ ସଖୀନାଟ ଓ ଗୋଟିପୁଅ ନାଟ ନାମରେ ନିଜ ଅଞ୍ଚଳର ଜନସମାଜଙ୍କୁ ମନୋରଞ୍ଜନ ପ୍ରଦାନ କରୁଥିଲେ, କଟକର ନୃତ୍ୟଗୁରୁମାନେ, ଏହି ଦୁଇଟି ଶୈଳୀକୁ ଶାସ୍ତ୍ରୀୟ ଶୈଳୀଭାବେ ଗ୍ରହଣ କରୁ ନଥିଲେ । ଅତଏବ, ପ୍ରଥମାବସ୍ଥାରେ ଓଡ଼ିଶୀ ନୃତ୍ୟ କେବଳ ସମ୍ଭ୍ରାନ୍ତ ବଂଶର ଲୋକଙ୍କ ମଧ୍ୟରେ ସୀମିତ ଥିଲା । ସାଧାରଣ ପରିବାର ଝିଅମାନେ ଏଥିରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଉନଥିଲେ । ଭୋକିଲା ମଣିଷ, ଅନ୍ୟର ଭୋକକୁ ଚିହ୍ନିପାରେ । ଗଙ୍ଗାଧର ବାବୁଥିଲେ ଭୋକିଲା ମଣିଷ ପାଇଁ ଦେବଦୂତ । ଅଳ୍ପ ସମୟ ପାଇଁ ସଙ୍ଗୀତ ମହାବିଦ୍ୟାଳୟ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରରେ କାର୍ଯ୍ୟ କରିବା ସମୟରେ, ସେ ଅନୁଭବ କରିଥିଲେ, ରାଜଧାନୀରେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ଅଭାବ ନାହିଁ । ସୁଯୋଗ ପାଇଲେ, ସେମାନେ ବି ନିଜକୁ ପ୍ରତିଷ୍ଠିତ କରିପାରିବେ । ଅର୍ଥାଭାବ ସତ୍ତ୍ୱେ ଦୃଢ ମନୋବଳ ନେଇ, କେତେକ ଜିଜ୍ଞାସୁ ବ୍ୟକ୍ତିଙ୍କ ସହଯୋଗ କ୍ରମେ ୧୯୭୨ ମସିହାରେ ରାଜଧାନୀର ତିନି ନମ୍ବର ୟୁନିଟ୍‌ରେ ଜନ୍ମ ନେଇଥିଲା, ତାଙ୍କ ସ୍ୱପ୍ନର ଅନୁଷ୍ଠାନ "ଓଡ଼ିଶା ଡେନସ୍ ଏକାଡେମୀ' । ଶୁକ୍ଳ ପକ୍ଷର ଚନ୍ଦ୍ର ସଦୃଶ୍ୟ ଅନୁଷ୍ଠାନରେ ଛାତ୍ରୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଥିଲା । ଗଙ୍ଗାଧର ବାବୁଙ୍କ ଶିକ୍ଷା ପ୍ରଣାଳୀ, ପିତୃ ସୁଲଭ ବ୍ୟବହାର, ଦୂରରୁ ଆସୁଥିବା ଛାତ୍ରୀମାନଙ୍କୁ ନିଜ ସାଇକେଲରେ ନେଇ ଛାଡି ଆସିବା, ଅଭିଭାବକମାନଙ୍କୁ ଆକୃଷ୍ଟ କରିବା ଫଳରେ, ସେମାନେ ଆଗେଇ ଆସିଥିଲେ ଅନୁଷ୍ଠାନର ସୁରକ୍ଷା ପାଇଁ । ସମୟ କ୍ରମେ କଳେବର ବୃଦ୍ଧି ଦୃଷ୍ଟିରୁ ବାରମ୍ବାର ସ୍ଥଳର ପରିବର୍ତ୍ତନ ଫଳରେ ସେ ଅନେକ ବାଧା ବିଘ୍ନର ସମ୍ମୁଖୀନ ହେଉଥିଲେ ସତ, ହେଲେ ସମସ୍ତ ଦୁଃଖକୁ ଭୁଲି ଯାଇଥିଲେ, ନିଜ ହାତଗଢା, ଶିଷ୍ୟ ଶିକ୍ଷ୍ୟାମାନଙ୍କ ସମର୍ପିତ ମନୋଭାବକୁ ଦେଖି । ଦୀର୍ଘ ଦିନର ପ୍ରଚେଷ୍ଟାର ଅନ୍ତ ଘଟି ୧୯୭୫ ମସିହାରେ ଅନୁଷ୍ଠାନଟି ପଞ୍ଜି କରଣ ହୋଇ, ରାଜଧାନୀ ବୁକୁରେ ଗୋଟିଏ ପ୍ରତିଷ୍ଠିତ ଅନୁଷ୍ଠାନ ରୂପରେ ସ୍ୱଗର୍ବରେ ଠିଆହୋଇ, ଓଡ଼ିଆ ଜାତିର ଗର୍ବ ଓ ଗୌରବକୁ, ଓଡ଼ିଶୀ ନୃତ୍ୟ ମାଧ୍ୟମରେ ସମଗ୍ର ଦେଶ ଓ ସାରା ବିଶ୍ୱରେ ପରିଚିତ କରାଇଛି ଗଙ୍ଗାଧର ବାବୁଙ୍କ ହାତଗଢା ଅନୁଷ୍ଠାନ "ଓଡ଼ିଶା ଡାନ୍‌ସ ଏକାଡେମୀ" । ଇତିମଧ୍ୟରେ ଗଙ୍ଗାଧର ବାବୁ ଚାଲିଯାଇଛନ୍ତି ସତ, ହେଲେ ତାଙ୍କର ମନ୍ତ୍ରରେ ଅଭିମନ୍ତ୍ରିତ ଅସଂଖ୍ୟ ଛାତ୍ରଛାତ୍ରୀ ଗୁରୁଙ୍କ ପଦାଙ୍କସରଣ ମାଧ୍ୟମରେ ପରବର୍ତ୍ତୀ ପିଢିର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିଛନ୍ତି ଚିରଦିନ ପାଇଁ । ଗଙ୍ଗାଧର ବାବୁଙ୍କ ଅନୁପସ୍ଥିତିରେ, ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବାରେ ଯେଉଁ ଅସଂଖ୍ୟ ଶିଳ୍ପୀ ଆଜି ବି ଉଦ୍ୟମରତ, ସେମାନଙ୍କ ମଧ୍ୟରେ ସର୍ବାଗ୍ରରେ ଅଛନ୍ତି, ପଦ୍ମଶ୍ରୀ ଅରୁଣା ମହାନ୍ତି, ନନ୍ଦିତା ପଟ୍ଟନାୟକ, ଦିପ୍ତୀ ସାହୁ, ଶରତ ପ୍ରିୟା ପାଟଯୋଷୀ, ମୀନାକ୍ଷୀ ବେହେରା, ଚପଳା ମିଶ୍ର, ଏଲୋରା ପଟ୍ଟନାୟକ, ମଧୁସ୍ମିତା ମହାନ୍ତି, ଶୀଳା ମହାପାତ୍ର, ସଙ୍ଗୀତା ହଜାରିକା, ବିଜୟିନୀ ଶତପଥୀ, କସ୍ତୁରୀ ଚରଣ ବେହେରା, ମନୋରଞ୍ଜନ ପ୍ରଧାନ, ବିଚିତ୍ରାନନ୍ଦ ସ୍ୱାଇଁ, ରମେଶ ଜେନା, ଲିଙ୍ଗରାଜ ସ୍ୱାଇଁ, ଯୁଧିଷ୍ଠିର ନାୟକ ଓ ପବିତ୍ର କୁମାର ପ୍ରଧାନ । ଗଙ୍ଗାଧର ବାବୁ ଥିଲେ ସ୍ୱପ୍ନର ସୌଦାଗର । ତାଙ୍କ ଜୀବନ କେବଳ ଓଡ଼ିଶୀ ନୃତ୍ୟର ସୀମା ମଧ୍ୟରେ ସୀମାବଦ୍ଧଥିଲା ତାହା ନୁହେଁ, ତାଙ୍କର ପରିକଳ୍ପନା ଥିଲା ଅସୀମ । ସେ ଚାହିଁଥିଲେ ଅନ୍ୟ ଏକ କୋଣାର୍କ ଗଠନ କରିବା ପାଇଁ , ଯାହା କୋଣାର୍କ ମଣ୍ଡପ ଗଠନରେ ରୂପାନ୍ତରିତ ହୋଇ ଅଧାରେ ରହିଗଲା । ସେ ଚାହିଁଥିଲେ କୀର୍ତ୍ତିର ସମକକ୍ଷ ହେବେ, ଅବଶ୍ୟ ତାଙ୍କର ଇଚ୍ଛାକୁ ପରିପୂର୍ଣ୍ଣ ରୂପଦେଲେ, ତାଙ୍କର ପ୍ରିୟ ଛାତ୍ରୀ ପଦ୍ମଶ୍ରୀ ଅରୁଣା ମହାନ୍ତି । ତାଙ୍କର କୃତୀ ଓ କୀର୍ତ୍ତୀର କାହାଣୀ ଏକ ବିସ୍ତୃତ ଇତିହାସ, ଯାହା ଏହି କ୍ଷୁଦ୍ର ପ୍ରବନ୍ଧରେ ପ୍ରକାଶ କରିବା ସମ୍ଭବ ନୁହେଁ । ଲେଖୁ ଲେଖୁ ତାଙ୍କ ସହିତ ମୋର ସଂପର୍କର କାହାଣୀ ମୁଁ ନିଜେ ପ୍ରକାଶ କରିପାରିଲିନି । ଆସନ୍ତା ସ୍ତମ୍ଭରେ ତାହା ପ୍ରକାଶ କରିବି ଆପଣ ମାନଙ୍କ ପାଇଁ ।

# ବସୁଧୈବ କୁଟୁମ୍ବକମ୍‌ର ପ୍ରତୀକ 'ଯୋଗ' : ଏକ ବିଶ୍ୱବ୍ୟାପୀ ଗଣଆନ୍ଦୋଳନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତୀୟ ସଂସ୍କୃତି ଓ ସନାତନ ପରମ୍ପରାର ଅମୂଲ୍ୟ ରତ୍ନ ହେଉଛି 'ଯୋଗ' ଯାହା କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ମନ, ଶରୀର ଓ ଆତ୍ମାର ସନ୍ତୁଳନ ରକ୍ଷା କରିବାର ଏକ ସାଧନା ଅଟେ ଏବଂ ଚଳିତ ୨୦୨୬ ମସିହା ଜୁନ୍ ୨୧ ତାରିଖରେ ସମଗ୍ର ବିଶ୍ୱରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଉଛି ଯେଉଁଥିରେ ମୁଖ୍ୟ ବିଷୟବସ୍ତୁ ବା ଥିମ୍ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' (Yoga for Healthy Ageing) ରଖାଯାଇଛି ଯାହା ବୟସ୍କ ବ୍ୟକ୍ତିମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଆଧାରିତ । ସନ ୨୦୧୪ ମସିହାରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧ କ୍ରମେ ମିଳିତ ଜାତିସଂଘ ସାଧାରଣ ସଭା ଜୁନ୍ ୨୧କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିବା ପରଠାରୁ ବିଶ୍ୱ ଇତିହାସରେ ଯୋଗର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି ଏବଂ ବିଗତ ଏକ ଦଶନ୍ଧି ମଧ୍ୟରେ ଯୋଗର ବିକାଶ ଏତେ ଦ୍ରୁତ ଗତିରେ ହୋଇଛି ଯେ ଆଜି ଆମେରିକାର ଚାକିରିଆଙ୍କଠାରୁ ଆରମ୍ଭ କରି ୟୁରୋପର ଶିକ୍ଷାବିତ୍ ଏବଂ ଆଫ୍ରିକାରେ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିଦିନ ସକାଳୁ ଯୋଗାସନ କରୁଥିବାର ଦେଖିବାକୁ ମିଳୁଛନ୍ତି । ଆଧୁନିକ ବିଶ୍ୱରେ ମଣିଷ ଯେତେବେଳେ ମାନସିକ ଚାପ, ଅବସାଦ, ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ବିଭିନ୍ନ ପ୍ରକାର କ୍ରୋନିକ୍ ରୋଗରେ ପୀଡିତ ହେଉଛି ସେତେବେଳେ ଯୋଗ ତା ପାଇଁ ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରୁଛି କାରଣ ଏହା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ମଣିଷର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ତାକୁ ଆନ୍ତରିକ ଶାନ୍ତି ପ୍ରଦାନ କରୁଛି । ପାଶ୍ଚାତ୍ୟ ଦେଶଗୁଡିକରେ ବର୍ତ୍ତମାନ ଯୋଗକୁ ଏକ ପ୍ରତିଷେଧକ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଛି ଏବଂ ବଡ ବଡ କର୍ପୋରେଟ କମ୍ପାନୀଗୁଡିକ ନିଜ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ବଢାଇବା ଓ ବର୍ଣ୍ଣଆଉଟ୍ ବା ମାନସିକ କ୍ଳାନ୍ତି ଦୂର କରିବା ପାଇଁ ସ୍ୱତନ୍ତ୍ର ଯୋଗ ଶିବର ଆୟୋଜନ କରୁଛନ୍ତି ଯାହା ଏହାର ବ୍ୟବସାୟିକ ତଥା ସାମାଜିକ ଗୁରୁତ୍ୱକୁ ଦର୍ଶାଉଛି । କେବଳ ସେତିକି ନୁହେଁ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଯୋଗ ଉପରେ ବୈଜ୍ଞାନିକ ଗବେଷଣା କରାଯାଇ ପ୍ରମାଣିତ ହୋଇଛି ଯେ ପ୍ରାଣାୟାମ ଏବଂ ଧ୍ୟାନ ଦ୍ୱାରା ମସ୍ତିଷ୍କର କାର୍ଯ୍ୟକାରିତା ବୃଦ୍ଧି ପାଏ ଏବଂ ରକ୍ତଚାପ ନିୟନ୍ତ୍ରିତ ରହେ ଯାହା ଫଳରେ ବିଦେଶୀ ଚିକିତ୍ସକମାନେ ମଧ୍ୟ ରୋଗୀମାନଙ୍କୁ ଔଷଧ ସହିତ ଯୋଗ କରିବାକୁ ପରାମର୍ଶ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ମୁଖ୍ୟ ଜାତୀୟ କାର୍ଯ୍ୟକ୍ରମ ପଶ୍ଚିମବଙ୍ଗର କୋଲକାତାଠାରେ ଅନୁଷ୍ଠିତ ହେଉଛି ଯେଉଁଠାରେ ହଜାର ହଜାର ଲୋକ ଏକାଠି ହୋଇ ସାମୂହିକ ଯୋଗ ପ୍ରଦର୍ଶନ କରୁଛନ୍ତି ଏବଂ ଏହା ସହିତ ସାରା ଭାରତରେ 'ଯୋଗ ସଙ୍ଗମ' ପୋର୍ଟାଲ ମାଧ୍ୟମରେ ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ଯୋଡାଯାଇ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ପହଂଚାଯାଇଛି । ସାମ୍ପ୍ରତିକ ସମୟରେ ଇଂଟରନେଟ୍ ଏବଂ ସୋସିଆଲ ମିଡିଆର ପ୍ରସାର ଯୋଗୁଁ ଯୋଗର ବିକାଶ ଆହୁରି ଦ୍ରୁତ ହୋଇଛି କାରଣ ବିଶ୍ୱର ଯେକୌଣସି ପ୍ରାନ୍ତରେ ଥିବା ବ୍ୟକ୍ତି ନିଜ ଘରେ ବସି ଅନଲାଇନ୍ ଆପ୍ଲିକେସନ୍ କିମ୍ବା ୟୁଟ୍ୟୁବ୍ ମାଧ୍ୟମରେ ସଠିକ୍ ଆସନ ଓ ପ୍ରାଣାୟମ ଶିଖିପାରୁଛନ୍ତି ଯାହାଦ୍ୱାରା ଯୋଗ ଏକ ବିଶ୍ୱବ୍ୟାପୀ ଗଣଆନ୍ଦୋଳନରେ ପରିଣତ ହୋଇଛି । ଯୋଗର ଏହି ଗ୍ଲୋବାଲାଇଜେସନ୍ ବା ବିଶ୍ୱାୟନ ପ୍ରକ୍ରିୟାରେ ଏହାର ଅନେକ ରୂପ ଯେପରିକି ହଠ ଯୋଗ, ଅଷ୍ଟାଙ୍ଗ ଯୋଗ ଏବଂ ବିଦେଶରେ ପ୍ରଚଳିତ ପାୱାର୍ ଯୋଗ ଆଦି ବେଶ୍ ଜନପ୍ରିୟତା ହାସଲ କରିଛି ଯାହା ଏହାର ଗ୍ରହଣୀୟତା ଓ ନମନୀୟତାକୁ ପ୍ରମାଣିତ କରେ । ପୁରାତନ କାଳରେ ଋଷିମୁନିମାନେ ହିମାଳୟର ଗୁମ୍ଫାରେ ଯେଉଁ ବିଦ୍ୟା ସାଧନା କରୁଥିଲେ ତାହା ଆଜି ଜାତି, ଧର୍ମ, ବର୍ଣ୍ଣ ଏବଂ ଭୌଗୋଳିକ ସୀମାର ପ୍ରାଚୀରକୁ ଭାଙ୍ଗି ମାନବ ଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏକ ସାର୍ବଜନୀନ ପଦ୍ଧତି ପାଲଟିଛି । ଆନ୍ତର୍ଜାତୀୟ ସ୍ତରରେ ଯୋଗ ଦିବସ ପାଳନ ହେବା ଦ୍ୱାରା ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ବୃଦ୍ଧି ପାଇଛି ଏବଂ ଭାରତର 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସମଗ୍ର ବିଶ୍ୱ ଏକ ପରିବାରର ଚିନ୍ତାଧାରା ବାସ୍ତବ ରୂପ ନେଇଛି । ଜୁନ୍ ୨୧ ତାରିଖଟିକୁ ବର୍ଷର ସବୁଠାରୁ ଦୀର୍ଘତମ ଦିନ ବା କର୍କଟ ସଂକ୍ରାନ୍ତି ଭାବେ ଜଣାଯାଏ ଯାହାର ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଓ ପ୍ରାକୃତିକ ମହତ୍ତ୍ୱ ରହିଛି ଏବଂ ଏହି ଦିନରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମାପ୍ତ ହୋଇ ଦକ୍ଷିଣାୟନ ଆରମ୍ଭ ହେଉଥିବାରୁ ଏହାକୁ ଯୋଗ ସାଧନା ପାଇଁ ସର୍ବୋତ୍ତମ ସମୟ ମାନି ବିଶ୍ୱବ୍ୟାପୀ ଏହି ପାଳନ କରାଯାଏ । ଆଜି ବିଶ୍ୱର ସବୁଠାରୁ ବଡ ସଂଗଠନ ମିଳିତ ଜାତିସଂଘର ମୁଖ୍ୟାଳୟ ନ୍ୟୁୟର୍କଠାରେ ଆରମ୍ଭ କରି ପ୍ୟାରିସର ଆଇଫେଲ୍ ଟାୱାର ପାଦଦେଶ ପର୍ଯ୍ୟନ୍ତ ଏବଂ ଅଷ୍ଟ୍ରେଲିଆର ସମୁଦ୍ରକୂଳରୁ ଆରମ୍ଭ କରି ଆଫ୍ରିକାର ଜନବସତି ପର୍ଯ୍ୟନ୍ତ ପ୍ରତିଟି ସ୍ଥାନରେ ଲୋକମାନେ ଧଳା ପୋଷାକ ପିନ୍ଧି ଯୋଗ ମ୍ୟାଟ୍ ଉପରେ ବସି ପ୍ରଣବ ମନ୍ତ୍ର 'ଓଁ' ଉଚ୍ଚାରଣ କରିବା ସହ ସୂର୍ଯ୍ୟ ନମସ୍କାର କରୁଥିବା ଦୃଶ୍ୟ ପ୍ରକୃତରେ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଅଟେ । ଶାରୀରିକ ଦୃଷ୍ଟିକୋଣରୁ ଦେଖିଲେ ଯୋଗ ଦ୍ୱାରା ଶରୀରର ନମନୀୟତା ବୃଦ୍ଧି ପାଏ, ମେରୁଦଣ୍ଡ ସୁଦୃଢ ହୁଏ, ହୃଦଘାତ ଏବଂ ଫୁସଫୁସର କାର୍ଯ୍ୟଦକ୍ଷତା ବଢେ ଏବଂ ଶରୀର ମଧ୍ୟରେ ଥିବା ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଥାଏ ଯାହା ବର୍ତ୍ତମାନର ପ୍ରଦୂଷିତ ପରିବେଶରେ ବଂଚିବା ପାଇଁ ଅତ୍ୟନ୍ତ ଜରୁରୀ । ଅନ୍ୟପଟେ ମାନସିକ ସ୍ତରରେ ଯୋଗ ଏବଂ ଧ୍ୟାନ ମଣିଷକୁ ଏକାଗ୍ରତା ପ୍ରଦାନ କରେ, କ୍ରୋଧ ଏବଂ ଅହଂକାର ଦୂର କରେ ଏବଂ ସମାଜରେ ପରସ୍ପର ପ୍ରତି ସହାନୁଭୂତି ଓ ଭ୍ରାତୃଭାବ ସୃଷ୍ଟି କରିବାରେ ସାହାଯ୍ୟ କରେ ଯାହା ଆଜିର ଯୁଦ୍ଧ ଏବଂ ଅଶାନ୍ତି ଜର୍ଜରିତ ବିଶ୍ୱ ପାଇଁ ସବୁଠାରୁ ବଡ ଆବଶ୍ୟକତା ଅଟେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ 'କମନ୍' ଯୋଗ ପ୍ରୋଟୋକଲ' ବିଶ୍ୱର ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ପ୍ରସାର କରାଯାଉଛି ଯାହାଦ୍ୱାରା ଜଣେ ସାଧାରଣ ନୂତନ ଶିକ୍ଷାର୍ଥୀ ମଧ୍ୟ ସହଜରେ କେତେକ ମୌଳିକ ଆସନ ଯେପରିକି ତାଡାସନ, ବୃକ୍ଷାସନ, ଭଦ୍ରାସନ, ଶଶାଙ୍କାସନ ଏବଂ ପ୍ରାଣାୟମ ଯେପରିକି କପାଳଭାତି, ଅନୁଲୋମ-ବିଲୋମ ଓ ଭ୍ରାମରୀ ଆଦି ପ୍ରତିଦିନ ଅଭ୍ୟାସ କରି ନିଜକୁ ନିରୋଗ ରଖିପାରୁଛି । ଯୋଗର ଏହି ଦ୍ରୁତ ବିକାଶ କେବଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୀମିତ ନାହିଁ ବରଂ ଏହା ଏକ ବିଶାଳ ଅର୍ଥନୀତି ବା 'ଯୋଗ ଇକୋନୋମି' ସୃଷ୍ଟି କରିଛି ଯେଉଁଥିରେ ସାରା ବିଶ୍ୱରେ ହଜାର ହଜାର ଯୋଗ ଷ୍ଟୁଡିଓ, ୱେଲନେସ୍ ସେଂଟର, ଯୋଗ ପୋଷାକ, ଏବଂ ଯୋଗ ପର୍ଯ୍ୟଟନ (Yoga Tourism) ର ବିକାଶ ଘଟିଛି ଏବଂ ଭାରତର ଋଷିକେଶ ଓ କେରଳ ଭଳି ସ୍ଥାନ ଆଜି ବିଶ୍ୱର ଯୋଗ ରାଜଧାନୀ ପାଲଟିଛନ୍ତି ଯେଉଁଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ବିଦେଶୀ ପର୍ଯ୍ୟଟକ ଆଧ୍ୟାତ୍ମିକ ଶାନ୍ତି ଏବଂ ଯୋଗ ଶିକ୍ଷା ପାଇଁ ଆସୁଛନ୍ତି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଯୋଗର ଅନୁପ୍ରବେଶ ଘଟିଛି ଏବଂ ଆଜି ବିଶ୍ୱର ଅନେକ ନାମୀଦାମୀ ସ୍କୁଲ୍ ଏବଂ କଲେଜରେ ପିଲାମାନଙ୍କର ମାନସିକ ବିକାଶ ଓ ପରୀକ୍ଷା ସମୟର ଚାପ ହ୍ରାସ କରିବା ପାଇଁ ପ୍ରାର୍ଥନା ସମୟରେ ଯୋଗ ଓ ଧ୍ୟାନକୁ ବାଧ୍ୟତାମୂଳକ କରାଯାଇଛି । ସାରା ବିଶ୍ୱ ଆଜି ଜୁନ୍ ୨୧ ତାରିଖକୁ କେବଳ ଏକ ଔପଚାରିକ ଦିବସ ଭାବରେ ନୁହେଁ ବରଂ ନିଜର ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଏକ ସଂକଳ୍ପ ଦିବସ ଭାବେ ପାଳନ କରୁଛି ଏବଂ ଏହି ଦିନ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ, କ୍ରୀଡାବିତ୍, ଚଳଚ୍ଚିତ୍ର ତାରକା ଏବଂ ସାଧାରଣ ନାଗରିକ ଏକାଠି ହୋଇ ଯୋଗ କରିବା ଦ୍ୱାରା ବିଶ୍ୱରେ ସମାନତା ଏବଂ ଏକତାର ଏକ ଦୃଢ ବାର୍ତ୍ତା ପ୍ରସାରିତ ହେଉଛି । ପ୍ରକୃତରେ ଯୋଗ ହେଉଛି ଭାରତ ପକ୍ଷରୁ ସମଗ୍ର ବିଶ୍ୱକୁ ଦିଆଯାଇଥିବା ଏକ ଅମୂଲ୍ୟ ଉପହାର ଯାହା କୌଣସି ପ୍ରକାରର ଭେଦଭାବ ରଖେ ନାହିଁ ଏବଂ ଯିଏ ଏହାକୁ ଆପଣାଏ ସେ ଶାରୀରିକ ସୌନ୍ଦର୍ଯ୍ୟ ସହିତ ମାନସିକ ପବିତ୍ରତା ଲାଭ କରେ । ତେଣୁ ଆସନ୍ତୁ ଏହି ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆମେ ସମସ୍ତେ ନିଜ ଜୀବନରେ ଯୋଗକୁ ସାମିଲ କରିବା ପାଇଁ ପ୍ରତିଜ୍ଞା କରିବା ଏବଂ ଏକ ସୁସ୍ଥ, ସମୃଦ୍ଧ ଓ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ଦିଗରେ ନିଜର ସହଯୋଗ ପ୍ରଦାନ କରିବା କାରଣ ସୁସ୍ଥ ଶରୀର ମଧ୍ୟରେ ହିଁ ସୁସ୍ଥ ମନର ବାସ ହୋଇଥାଏ ଏବଂ ଏହି ଯୋଗାଭ୍ୟାସ ହିଁ ଆମକୁ ବାର୍ଦ୍ଧକ୍ୟ ଅବସ୍ଥାରେ ମଧ୍ୟ ସକ୍ରିୟ ଓ ସ୍ୱାବଲମ୍ବୀ କରି ରଖିବାରେ ସାହାଯ୍ୟ କରିବ ।

# ଅଥ ଯୋଗାନୁଶାସନମ୍



ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ
ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮

ଆମ ଭାରତୀୟ ପ୍ରାଚୀନ ବୈଦିକ ସଂସ୍କୃତି ଓ ପରମ୍ପରା ଅତୀବ ଗୌରବମୟ ଥିଲା । ସେହି ସମୟରେ ଆମ ଦେଶର ଜ୍ଞାନ ଏବଂ ବିଜ୍ଞାନ ଉତ୍କର୍ଷର ଶୀର୍ଷ ସ୍ଥାନରେ ପହଞ୍ଚି, ସମସ୍ତ ଦୁନିଆକୁ ଦିଗ୍‌ଦର୍ଶନ ଦେବାରେ ସମର୍ଥ ହୋଇପାରିଥିଲା । ଏହି ଗୌରବ ପ୍ରାପ୍ତିର ପୃଷ୍ଠ ଭାଗରେ ଥିଲେ ଆମର ପ୍ରାତଃସ୍ମରଣୀୟ ମହର୍ଷି ସମୂହ । ଯେଉଁମାନେ ଥିଲେ ଜଣେ ଜଣେ ଦାର୍ଶନିକ, ବୈଜ୍ଞାନିକ, ଜ୍ୟୋତିର୍ବିଦ ଏବଂ ଶାସ୍ତ୍ରଜ୍ଞ । ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ବିଜ୍ଞ ଦାର୍ଶନିକ ମହର୍ଷି ପତଞ୍ଜଳି । ସେ ହେଉଛନ୍ତି ଯୋଗଦର୍ଶନ ପ୍ରଣେତା । ଏହି ଦର୍ଶନରେ ୪ଟି ଅଧ୍ୟାୟ ବା 'ପାଦ' ରହିଛି । ଯଥା: ସମାଧି ପାଦ, ସାଧନ ପାଦ, ବିଭୂତି ପାଦ ଓ କୈବଲ୍ୟ ପାଦ । ସେଭଳି ଏହାର ଆଠଗୋଟି ଅଙ୍ଗ ମଧ୍ୟ ରହିଛି । ଯଥା: ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି । ଯାହାକୁ ଉକ୍ତ ଦର୍ଶନ ବା ବିଦ୍ୟାର ମୂଳଦୁଆ କୁହାଯାଏ ।

ଏହି ଦର୍ଶନର ପ୍ରଥମ ସୂତ୍ର 'ଅଥ ଯୋଗାନୁଶାସନମ୍' । ଯାହା ତିନୋଟି ଶବ୍ଦକୁ ନେଇ ଗଠିତ, ଯଥା: ଅଥ, ଯୋଗ ଓ ଅନୁଶାସନ । ସେ'ମଧ୍ୟରୁ 'ଅଥ' ର ଅନେକ ଅର୍ଥ ଥିଲେ ମଧ୍ୟ ଏଠାରେ ବର୍ତ୍ତମାନ ସମୟକୁ ଗ୍ରହଣ କରାଯାଇଛି । ସେଭଳି ଯୋଗର ଅର୍ଥ ସଂଯୁକ୍ତ କରିବା । ଯାହା ଆଗକୁ ଆଲୋଚିତ ହେବାକୁ ଯାଉଛି । ଶେଷଟି ଅନୁଶାସନ ଅର୍ଥାତ୍ ଅନୁସରଣ କରିବା ଶୃଙ୍ଖଳା ସହିତ ବା ଶୃଙ୍ଖଳାର ସହ ପାଳନ କରିବା । ଏହି ସୂତ୍ରକୁ ସରଳ ଭାଷାରେ କହିବାକୁ ଗଲେ, ବର୍ତ୍ତମାନ ସମୟ ହିଁ ପ୍ରକୃଷ୍ଟ ଅଟେ । ତେଣୁ କାଳବିଳମ୍ବ ନ କରି ଗୁରୁ ନିର୍ଦ୍ଦେଶିତ ପ୍ରକୃଷ୍ଟ ମାର୍ଗକୁ ଅବଲମ୍ବନ କରିବା ସହିତ ଆତ୍ମାନନ୍ଦରେ ଯୋଗ ହେବା । ଯୋଗ ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ଜୀବନଶୈଳୀ ଏବଂ ଶୃଙ୍ଖଳିତ ମାର୍ଗ । ଏହା କୌଣସି ଜବରଦସ୍ତ ଭାବେ ଲଦି ଦିଆଯାଇଥିବା ନିୟମ ନୁହେଁ, ବରଂ ନିଜ ଉନ୍ନତି ପାଇଁ ନିଜେ ଗ୍ରହଣ କରିଥିବା ଏକ ଉତ୍ତମ ଶୃଙ୍ଖଳା ।

ଯୋଗଦର୍ଶନ ଦୁଇଟି ଶବ୍ଦକୁ ନେଇ ଗଠିତ । ପ୍ରଥମଟି ହେଉଛି ଯୋଗ, ଯାହା ସଂସ୍କୃତ ଭାଷାର 'ୟୁଜ୍' ଧାତୁରୁ ଆସିଛି । ଯା'ର ଅର୍ଥ 'ମିଳନ' ବା 'ଯୋଡ଼ିବା' ଏବଂ ଅପରଟି ହେଉଛି ଦର୍ଶନ, ଅର୍ଥାତ୍ ଜ୍ଞାନ । ସାଧାରଣ ଭାଷାରେ କହିବାକୁ ଗଲେ ଯେଉଁ ଜ୍ଞାନ ଦ୍ୱାରା ଜୀବ ଓ ଆତ୍ମାର ମିଳନ ହୁଏ, ତାହାକୁ ଯୋଗ କୁହାଯାଏ । ଏହି ଜ୍ଞାନ ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସନ୍ତୁଳନ ସୃଷ୍ଟି କରି ଆଧ୍ୟାତ୍ମିକ ଶାନ୍ତି ପ୍ରଦାନ କରିଥାଏ । ଯୋଗ କେବଳ ଜୀବ ସହ ଆତ୍ମାର ମିଳନ କରି ନଥାଏ, ଅପିତୁ ନିତ୍ୟାଭ୍ୟାସ ଦ୍ୱାରା ଶରୀରକୁ ସୁସ୍ଥ ଓ ନମନୀୟ ରଖିବାରେ ସାହାଯ୍ୟ କରେ ଏବଂ ରକ୍ତସଞ୍ଚାଳନ ତଥା ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ । ତା'ସହ ମାନସିକ ଶାନ୍ତି ମଧ୍ୟ ଦେଇଥାଏ । ଆମେ ସମସ୍ତେ ଜାଣୁ ମଣିଷର ମନ ବଡ଼ ଚଞ୍ଚଳ । ଏହାକୁ ଆୟତ୍ତ କରିବା ଅତ୍ୟନ୍ତ କଷ୍ଟକର । କିନ୍ତୁ ଯୋଗାଭ୍ୟାସ ଦ୍ୱାରା ମନ ଏକାଗ୍ର ହୋଇଥାଏ । ତେଣୁ ଶ୍ରୀମଦ୍‌ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି:

ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ୍ୟ ଇତି ମେ ମତିଃ ।

ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ॥

ଅର୍ଥାତ୍ ଯେଉଁମାନଙ୍କର ମନ ଅସଂଯତ, ସେମାନେ ଯୋଗରେ ସିଦ୍ଧି ଲାଭ କରିବା କଷ୍ଟକର ବ୍ୟାପାର । କିନ୍ତୁ ଯେଉଁମାନେ ସଠିକ୍ ଓ ନିଷ୍ପାପର ଉପାୟରେ ଯୋଗ ସାଧନ କରନ୍ତି, ସେ'ମାନେ ଚଞ୍ଚଳ ମନକୁ ସଂଯତକରି ସିଦ୍ଧି ଲାଭ କରନ୍ତି ।

ବର୍ତ୍ତମାନ ସମୟରେ ଦେଖାଯାଏ ଯେ, ଆବାଳ ବୃଦ୍ଧ ବନିତାଦି ପ୍ରାୟତଃ ଚାପଗ୍ରସ୍ତ । ଯେପରି କୋମଳ ମତି ବାଳକ ଓ ବାଳିକାମାନେ ଶିକ୍ଷା ପାଇଁ, ଯୁବକ ଓ ଯୁବତୀମାନେ ବୃତ୍ତି ପାଇଁ, ଗୃହସ୍ଥମାନେ ପାରିବାରିକ ଦାୟିତ୍ୱ ପାଇଁ, କର୍ମଚାରୀମାନେ କର୍ମ କ୍ଷେତ୍ର ପାଇଁ ଏବଂ ବୃଦ୍ଧ ଓ ବୃଦ୍ଧାମାନେ ନିଃସଙ୍ଗ ଜୀବନ ବଞ୍ଚିବା ପାଇଁ । ଏହି ଚାପରୁ ମୁକ୍ତି ପାଇବା ନିମନ୍ତେ ଯୋଗ ହିଁ ଏକ ସଫଳ ମାଧ୍ୟମ । ଚିନ୍ତାକୁ ଦୂର କରିବାକୁ ହେଲେ ପ୍ରାଣାୟାମ ଏବଂ ଧ୍ୟାନର ନିତ୍ୟାନ୍ତ ଆବଶ୍ୟକ । ଏହା ଦ୍ୱାରା ମନ ଶାନ୍ତ ରହେ ଏବଂ ମସ୍ତିଷ୍କ ଅଧିକ କ୍ରିୟାଶୀଳ ହୋଇଥାଏ । ଏଣୁ ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହା ଯାଉଛି: 'ଯୋଗଃ କର୍ମସୁ କୌଶଳମ୍' ।

ଆମ ଧର୍ମ ଶାସ୍ତ୍ରାଦି କେବେବି ଗୋଟିଏ ଗୋଷ୍ଠି ବା ସମ୍ପ୍ରଦାୟ କଥା ଚିନ୍ତା କରି ନଥାଏ । ଅପିତୁ ସେ ସଦା ସର୍ବଦା ସମଗ୍ର ସଂସାରର କଲ୍ୟାଣ ଚିନ୍ତନ କରି ଆସିଛି । ଯା'ର ପ୍ରକୃଷ୍ଟ ଦୃଷ୍ଟାନ୍ତ ଯୋଗ ଶାସ୍ତ୍ର । ଏହି ଯୋଗ ଶାସ୍ତ୍ରର ଉପାଦେୟତା ଉପଲବ୍ଧି କରି ଖ୍ରୀଷ୍ଟାବ୍ଦ ୨୦୧୫ ମସିହା ଜୁନ ମାସ ୨୧ ତାରିଖରେ ଆନ୍ତର୍ଜାତୀୟ ଯୋଗ ଦିବସ ସର୍ବପ୍ରଥମେ ପାଳନ କରାଗଲା । ଏହାର ପ୍ରଚାର ଓ ପ୍ରସାର ପାଇଁ ପ୍ରତିବର୍ଷ ଜୁନ ୨୧ ତାରିଖକୁ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତୀୟ ଯୋଗ ଦିବସ' ରୂପେ ପାଳନ କରାଯାଉଛି । ଏହି ଗୌରବମୟ ଦିନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ସବୁ ଦେଶର, ସବୁ ବୟସର ଏବଂ ସବୁ ଧର୍ମର ଲୋକେ ସହଜରେ ଅଭ୍ୟାସ କରିଥାନ୍ତି । ଆମ ସଂସ୍କୃତିର ଯୋଗ ଏପରି ଏକ ମାଧ୍ୟମ ଯାହା ଧର୍ମ – ଧର୍ମ ମଧ୍ୟରେ, ଜାତି – ଜାତି ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ଆମକୁ ପ୍ରକୃତି ସହିତ ଯୋଡ଼ିଥାଏ ଏବଂ ଆମ ଭିତରେ ସକାରାତ୍ମକ ଶକ୍ତିର ସଞ୍ଚାର ମଧ୍ୟ କରିଥାଏ । ନୀରୋଗ ଶରୀର ଏବଂ ନିର୍ମଳ ମନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଉଚିତ । ଏହା କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ବରଂ ଜୀବନ ଜିଇଁବାର ଏକ ସର୍ବୋତ୍ତମ କଳା । ତେଣୁ 'ଅଥ ଯୋଗାନୁଶାସନମ୍' ସୂତ୍ରକୁ ବୁଝିବା ସହ ଉପଯୋଗରେ ଆଣି ପାରିଲେ ଆମ ଜୀବନ ସାର୍ଥକ ହୋଇପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁନ୍ ୨୦୨୬ ମଙ୍ଗଳବାର





# ବିଶ୍ୱରେ ଭାରତର ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପିତ କରିବାରେ ଯୋଗ ଏକ ବଳିଷ୍ଠ ମାଧ୍ୟମ:ସମବାୟ ମନ୍ତ୍ରୀ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯୋଗ କେବଳ ଉନ୍ନତ ସ୍ୱାସ୍ଥ୍ୟ ଗଠନ ପାଇଁ ନୁହେଁ, ବରଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯୋଗ ଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ରୋଜଗାର ସୃଷ୍ଟି, ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଭାରତର ସଫ୍ଟ ପାୱାର ଓ ସାଂସ୍କୃତିକ ପ୍ରଭାବ ବୃଦ୍ଧି ପାଇଥାଏ ବୋଲି ଯାଜପୁର ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଇ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦିପ ବଳସାମନ୍ତ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ବଳସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବା ପରେ ଯୋଗାସନ ଓ ପ୍ରାଣାୟାମ ଅଧିବେଶନ ଆରମ୍ଭ ହୋଇଥିଲା। ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ ଯେ ଆଜିର ବ୍ୟସ୍ତ ଜୀବନରେ ଲୋକମାନେ ବିଭିନ୍ନ ଶାରୀରିକ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମାନସିକ ଅବସାଦ, ଉଚ୍ଚ ରକ୍ତଚାପ, ମେଦ ବହୁଳତା ଭଳି ରୋଗ ଦିନକୁ ଦିନ ବଢିଚାଲିଛି। ଏହି ପରିସ୍ଥିତିରେ ଯୋଗ ଏକ ପ୍ରାକୃତିକ ଓ ପ୍ରଭାବଶାଳୀ ଉପାୟ ଭାବେ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ କହିଥିଲେ। ସେହିକ୍ରମରେ ଯାଜପୁରର ରତ୍ନଗିରି ଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଜନସାଧାରଣ ସାମିଲ ହୋଇଥିଲେ। ରତ୍ନଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇଥିଲେ।

# ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର ଉପରେ ଗୁରୁତ୍ୱାରୋପ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ପରିପ୍ରେକ୍ଷୀରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧିନରେ କଟକ ଜିଲ୍ଲାସ୍ତରୀୟ ପ୍ରାକୃତିକ କୃଷି ଏବଂ ଜୈବିକ କୃଷି କର୍ମଶାଳା ଜଗତପୁର ସ୍ଥିତ କୃଷକ ତାଲିମ୍ ଏବଂ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ ଏକ ବିଷମୁକ୍ତ ଓ ସୁସ୍ଥ କୃଷି ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଜିଲ୍ଲାରେ ପରିଣତ କରିବାକୁ ବୈଜ୍ଞାନିକମାନେ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ବୈଷୟିକ ଅଧିବେଶନରେ କଟକର ମୃତ୍ତିକା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦିଲ୍ଲୀପ କୁମାର ଷଡଙ୍ଗୀ ପ୍ରାକୃତିକ କୃଷି, ଜୈବିକ ଚାଷ, ମୃତ୍ତିକା ସ୍ୱାସ୍ଥ୍ୟ, ଜଳ ସଂରକ୍ଷଣ ଏବଂ ରାସାୟନିକ ଇନ୍‌ପୁଟ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି କଟକର ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ କୁମାର ମହାନ୍ତ ବ୍ୟବହାରିକ କୃଷି ସମାଧାନ, କୃଷି ଯାନ୍ତ୍ରିକୀକରଣ, ରାସାୟନିକ ସ୍ଥିତିବାନ କୃଷି ପ୍ରଣାଳୀ ଉପରେ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଶେଷରେ କଟକର କୃଷି ଜିଲ୍ଲା ଅଧିକାରୀ ଶୁଭଶ୍ରୀ ଜେନା କୃଷକମାନଙ୍କ ପାଇଁ ସରକାରୀ ପଦକ୍ଷେପ, ବଜାର ସଂଯୋଗ, FPO ଦ୍ୱାରା ମୂଲ୍ୟ ବୃଦ୍ଧି ଏବଂ ଫସଲ ବିବିଧତା ଉପରେ ଆଲୋଚନା କରିଥିଲେ। ଜୈବିକ ସୁଗନ୍ଧିତ ଧାନ ଉତ୍ପାଦନ ସହିତ ଜଡିତ ଲୋକ ସମବାୟ



ପ୍ରତିଷ୍ଠାନ, ନିଆଳି ଜୈବିକ ଚାଷ ଏବଂ କୀଟପତଙ୍ଗ ପରିଚାଳନା ଦିଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ ନାୟକ, ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରଶାନ୍ତ ଜେନା, ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ମନୀଷା ରାଉତ, କୃଷି ଜିଲ୍ଲା ଅଧିକାରୀ, ଆଠଗଡ ଶିବାଶିଷ ମିଶ୍ର ଏବଂ କଟକ ସଦରର ATMA ଅଧକ୍ଷ ରମାପ୍ରସାଦ ବିଶ୍ୱାଳ ପ୍ରମୁଖ କର୍ମଶାଳାରେ ସାମିଲ ଥିଲେ। ବୈଠକ ପ୍ରାରମ୍ଭରେ ସହାୟକ କୃଷି ନିର୍ଦ୍ଦେଶକ ଅସୀମା ମିଶ୍ର ମଞ୍ଚରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କର୍ମଶାଳା ପରିଚାଳନା କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକର ପ୍ରଗତିଶୀଳ ଚାଷୀ, ଏଫପିଓ, ସିବିଓ ଏବଂ ପ୍ରାକୃତିକ କୃଷି ଏବଂ ଜୈବିକ ଇନ୍‌ପୁଟ୍ ସହିତ ଜଡିତ ନିର୍ମାତା ଏବଂ ଡିଲରଙ୍କ ସମେତ ୧୫୦ ଜଣ ଅଂଶଗ୍ରହଣକାରୀ, ବିଭିନ୍ନ ବିଭାଗର ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ଏବଂ CRRI ବୈଜ୍ଞାନିକଙ୍କ ସହିତ ବିଭାଗୀୟ ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଉକ୍ତ କର୍ମଶାଳାରେ କେତେକ ଚାଷୀ ସେମାନଙ୍କର ଜୈବିକ ଉତ୍ପାଦ ପ୍ରଦର୍ଶନ କରିଥିଲେ ଓ ପ୍ରଗତିଶୀଳ ଚାଷୀ ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ନୂତନ ଶ୍ରୀ ଶ୍ରୀ ସତ୍ୟସାଇ ବାବା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଧୁମ୍ ଧାମ୍‌ରେ ପାଳିତ ହୋଇଥିଲା । ଏହି ଅବସରରେ ନିଷ୍ଠା ପରିବାର ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ, କଟାପାଲିର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ପୂର୍ବତନ ଜିଲ୍ଲା ସଭାପତି ସୋନପୁର ଗୁଣନିଧି ପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ୍ ୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଘୋର ସଙ୍କଟ ଥିବାବେଳେ ଉପରୋକ୍ତ ସଂଗୃହୀତ ରକ୍ତ ଅନେକ ଅସହାୟ ରୋଗୀଙ୍କ ମୁହଁରେ ହସ ଫୁଟାଇବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନିଷ୍ଠା ପରିବାରକୁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ ଆମ ନିଷ୍ଠା ପରିବାର ତରଫରୁ ସତ୍ୟସାଇ ସେବା ସଂଗଠନ, କଟାପାଲିକୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରକୁ ନିଷ୍ଠା ପରିବାର ସଦସ୍ୟ ସଦସ୍ୟା ଓ ସତ୍ୟସାଇ ସେବା ସଂଗଠନ, କଟାପାଲି ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ।

# ଯୋଗ ଭାରତର ପ୍ରାଚୀନ ପରମ୍ପରାର ଅମୂଲ୍ୟ ଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ କ୍ରୀଡା ଓ ଯୁବସେବା ମିଳିତ ଆନୁକୂଲ୍ୟରେ ଯୋଗ ମହୋତ୍ସବ ସମିତି ଓଡ଼ିଶା ସହଯୋଗରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ "ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ" ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗର ଆବଶ୍ୟକତା, ଉପକାରୀତା ଏବଂ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ଉପରେ ବିଶେଷ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ପ୍ରାଚୀନ ପରମ୍ପରାର ଏକ ଅମୂଲ୍ୟ ଦାନ ଯାହା ଆଜି ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସମ୍ଭବ ହୋଇଥାଏ ଏବଂ ଏହା ଏକ ସୁସ୍ଥ ଓ ସକାରାତ୍ମକ ସମାଜ ଗଠନରେ ସହାୟକ ହୋଇଥାଏ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ସାଧାରଣ ଯୋଗ ପୋଟ୍ରୋକଲ୍ ଅନୁଯାୟୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଥିବା ଅତିଥି, ଅଧିକାରୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପରିଚାଳନା କରିଥିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୋଗ ଭାରତର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ମହାନଗର ନିଗମ ଓ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବ୍ରହ୍ମପୁର ଶାଖାରଙ୍କ ମିଳିତ ଆନୁକୂଲ୍ୟରେ ରବିବାର ପ୍ରାତଃ ୬ଟାରେ ମହାତ୍ମା ଗାନ୍ଧୀ କ୍ରୀଡାଙ୍ଗନ ଠାରେ ଭବ୍ୟ ଭାବରେ 'ଅନ୍ତର୍ଜାତୀୟ ଯୋଗ ଦିବସ–୨୦୨୬' ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ, ଯୋଗ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ଯୋଗସାଧକ ଯୋଗଦେଇ ସମ୍ମିଳିତ ଭାବେ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଲୋକସଭା ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ କମିଶନର ଅକାଭରମ ସାସ୍ୟା ରେଡ୍ଡୀ, (ଆଇ.ଏ.ଏସ୍) ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡ଼ଃ ଶଙ୍କର ମାଝୀ ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିବା ବେଳେ ଆୟୋଜକ କମିଟିର ପରାମର୍ଶଦାତା ଶୁଶାନ୍ତ କୁମାର ସାବତ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଯୋଗକୁ ଭାରତର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ବର୍ଣ୍ଣନା କରିବା ସହ ଏହା ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଶରୀର, ଶାନ୍ତ ମନ ଓ ସୁସଂଗଠିତ ସମାଜ ଗଠନ ସମ୍ଭବ ବୋଲି ସେମାନେ କହିଥିଲେ। ପରେ ବିଭାଗ ସଂଗଠିକା ସୁଶ୍ରୀ ନୀଳାକ୍ଷୀ ଦିଦିଙ୍କ ନେତୃତ୍ୱରେ ରୁନୀ ମଲ୍ଲିକ ଓ ହେମନ୍ତ ସାବରଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ସଫଳ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଯୋଗ ସାଧକମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରିଥିଲେ। ଡ଼ଃ ଶଙ୍କର ମାଝୀଙ୍କ ଦ୍ୱାରା ଯୋଗ ସଙ୍କଳ୍ପ ପାଠ କରାଯାଇଥିଲା । ଯେଉଁଥିରେ ସମସ୍ତେ ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟ, ଶାନ୍ତି ଓ ସାମାଜିକ ସମନ୍ୱୟ ପାଇଁ ନିଜକୁ ସମର୍ପିତ କରିବାର ପ୍ରତିଜ୍ଞା କରିଥିଲେ। ଶେଷରେ ଅଙ୍କିତ ସେନାପତିଙ୍କ ନେତୃତ୍ୱରେ "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ" ଶାନ୍ତିପାଠ କରାଯାଇଥିଲା। କାର୍ଯ୍ୟକ୍ରମର ସମନ୍ୱୟକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ କେନ୍ଦ୍ରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ବ୍ରହ୍ମପୁର ମହାନଗର ନିଗମର ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା ଏବଂ ବ୍ରହ୍ମପୁର ମହାନଗର ନିଗମ ପୌରପାଳିକା ତରଫରୁ ଉପସ୍ଥିତ ଯୋଗସାଧକ ମାନଙ୍କୁ ଯୋଗ ଗଞ୍ଜି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିସମାପ୍ତି ପରେ Munico Foods Pvt.Ltd ତରଫରୁ ଡକ୍ଟରସ୍ ଫୋରମ୍ ବ୍ରହ୍ମପୁର ଓ ଅର୍ଜୁନ ହସ କ୍ଲବ, ବ୍ରହ୍ମପୁରଙ୍କ ସହଯୋଗରେ ମୃଦୁ ପାନୀୟ ଓ ପରେ ବିଧାୟକ ବ୍ରହ୍ମପୁରଙ୍କ ତରଫରୁ ସ୍ୱାସ୍ଥ୍ୟକର ଜଳପାନରେ ଉପସ୍ଥିତ ସଦସ୍ୟମାନଙ୍କୁ ଆପ୍ୟାୟିତ କରାଯାଇଥିଲା।



# ବୌଦ୍ଧରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶନିବାର ସନ୍ଧ୍ୟାରେ ବୌଦ୍ଧରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜୁଲାଇ ୧୬ ତାରିଖରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଡେପୁଟି କଲେକ୍ଟର ତଥା ନିଜାରତ ଅଧିକାରୀ ମନୀଷା ମହାନନ୍ଦିଆ, ଏସ୍‌ଡିପିଓ ଲରେନ୍ସ ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାଧର ପଣ୍ଡା, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ରଥଯାତ୍ରା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଳାକାର ସଂଘ ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଉପ-ଜିଲ୍ଲାପାଳ ତଥା ଦେବତ୍ତର ନିର୍ବାହୀ ଅଧିକାରୀ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ରଥଯାତ୍ରା କମିଟି ଏବଂ ମନ୍ଦିର ପରିଚାଳନା କମିଟିର ସକ୍ରିୟ ସଦସ୍ୟ ସ୍ୱର୍ଗତ ଅଚ୍ୟୁତାନନ୍ଦ ମିଶ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବିଗତ ବର୍ଷର ଆୟ-ବ୍ୟୟ ହିସାବ ଉପସ୍ଥାପନ ସହିତ ରଥ ମରାମତି, ଦେବନୀତି, ଛେରା ପହଁରା ନୀତି, ବଡ଼ଦାଣ୍ଡରେ ଥିବା ଗଛର ଡାଳ କଟେଇ, ମାଉସୀମା ମନ୍ଦିରର ମରାମତି, ମନ୍ଦିରଗୁଡ଼ିକର ରଙ୍ଗ କାମ, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା, ଆଇନ୍ ଓ ଶୃଙ୍ଖଳା ରକ୍ଷା, ମିନାବଜାର ନିଲାମ, ଜନସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଜରୁରୀକାଳୀନ ଚିକିତ୍ସା ସେବା, ସୂଚନା ଓ ପ୍ରଚାର ବ୍ୟବସ୍ଥା, ଆଲୋକୀକରଣ, ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ସହ ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଶୃଙ୍ଖଳ ଭାବେ ସମ୍ପନ୍ନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ, ବଦାନ୍ୟ ବ୍ୟକ୍ତିବିଶେଷ ଓ ଜନପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝର ଜିଲ୍ଲାର ୧.୮୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଗଲା ୩୬.୪୭ କୋଟିର ସହାୟତା ରାଶି

**କେନ୍ଦୁଝର, ନ୍ୟୁଜ୍**

ଜୁଡ଼ିଆ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ପିଏମ୍ କିଷାନ ଉତ୍ସବ ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଦିବସ ଉପଲକ୍ଷେ ପଶ୍ଚିମବଙ୍ଗ ରାଜ୍ୟର ତାରକେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ କୃଷକ ଭାଇଭଉଣୀ ମାନଙ୍କ ବ୍ୟାଙ୍କ ଖାତାକୁ କୃଷି କାର୍ଯ୍ୟକ୍ରମ ପାଇଁ ପିଏମ୍ କିଷାନ ଯୋଜନା ଅନ୍ତର୍ଗତ ୨୩ ତମ ସହାୟତା ରାଶି ପ୍ରଦାନ କରିଥିଲେ । ମହତାବ ଭବନ, ରାଇରଙ୍ଗପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି, ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକ ସମାଜକୁ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ କୃଷକ ଭାଇଭଉଣୀ, ବିଭାଗୀୟ ଅଧିକାରୀ, କୃଷି ବୈଜ୍ଞାନିକମାନେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଓ ତାରକେଶ୍ୱରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂ, ସିଡିଭିଓ ଡ଼ଃ ଚନ୍ଦ୍ରଶେଖର ରଥ, ପିଡି ଓ୍ୱାଟରସେଡ୍ ଅଶୋକ କୁମାର ସେନାପତି, ଏଡିଆର୍ ଡ. କିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ, ଏଡିଏଚ୍ ଗୋବିନ୍ଦ ଚନ୍ଦ୍ର ମେହେର ଅତିଥି ଆସନ ଅଳଙ୍କୃତ କରିବା ସଙ୍ଗେ ସଙ୍ଗେ ଆଭାସୀ ମାଧ୍ୟମରେ ପ୍ରସାରିତ ରାଜ୍ୟ ସ୍ତରୀୟ ଓ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସର୍ବଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରିଥ୍ୱିରାଜ ମଣ୍ଡଳ କେନ୍ଦୁଝର ଜିଲ୍ଲାର ୧.୮୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀଙ୍କ ଖାତାକୁ ପାଖାପାଖି ୩୬.୪୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଥିବାର ସୂଚନା ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଶାସନିକ ବିଫଳତା ଓ ଦୁର୍ନୀତି ବିରୋଧରେ ଗର୍ଜିଲା ବିଜେଡ଼ି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଶାସନର ପ୍ରଶାସନିକ ବିଫଳତା, ଅପାରଗତା ଏବଂ ବ୍ୟାପକ ଦୁର୍ନୀତି ବିରୋଧରେ ଧାମନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧାମନଗର ସ୍ଥିତ କିଳାଟେଶ୍ୱର କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡ଼ି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଜିଲ୍ଲାପରିଷଦ ସଦସ୍ୟ ପ୍ରଦିପ କୁମାର ମଲିକ, ସରତ ମାଝୀ, ସରପଞ୍ଚ ମମତା ଆଚାର୍ଯ୍ୟ, ଉମେଶ ମହାନ୍ତି, ସୁଶାନ୍ତ ରାଉତ, ସତ୍ୟ ପ୍ରକାଶ ନାୟକ, ନରୋତ୍ତମ ଜେନା, ରବିନ୍ଦ୍ରନାଥ ସାହୁ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ସରକାରଙ୍କ ଜନବିରୋଧୀ ନୀତି ଏବଂ ବିଭିନ୍ନ ବିଭାଗରେ ଚାଲିଥିବା ଅନିୟମିତତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଧାମନଗର ଜଳସେଚନ ବିଭାଗର ଜେଇ ଠାରୁ ଆରମ୍ଭ କରି ଏସିଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ସରକାରୀ ଅର୍ଥ ହରିଲୁଟ୍‌ରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ହସନାବାଦ ଠାରେ ବିନା ଟେଣ୍ଡର ଏବଂ ବିନା TSC ଅନୁମୋଦନରେ ଏସ୍‌ଡିଓ ଓ ବିଜେପି



କର୍ମୀଙ୍କ ମଧୁଚନ୍ଦ୍ରିକାରେ କାର୍ଯ୍ୟ କରାଯାଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଗତ ବନ୍ୟା ସମୟରେ ପ୍ରଧାନୀ ଓ ସଇଲୋ ଠାରେ ଭାଙ୍ଗିଯାଇଥିବା ନଦୀବନ୍ଧ ମରାମତି ନାମରେ ବ୍ୟାପକ ଜାଲିଆତି ହୋଇଛି। ବାସ୍ତବ କ୍ଷେତ୍ରରେ କୌଣସି କାର୍ଯ୍ୟ ନକରି ପ୍ରକୃତ ଖର୍ଚ୍ଚ ଠାରୁ ୧୦ ଗୁଣ ଅଧିକ ସରକାରୀ ଅର୍ଥ ଦଳୀୟ ଭିତ୍ତିରେ ହରିଲୁଟ୍ କରାଯାଇଛି। ଆରଡି ରାସ୍ତା ନିର୍ମାଣରେ ମଧୁଚନ୍ଦ୍ରିକା ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିମ୍ନମାନର ରାସ୍ତା କାର୍ଯ୍ୟ ଚାଲିଛି। ଟେଣ୍ଡର ନେଇଥିବା ଠିକାଦାରଙ୍କ ବଦଳରେ ଅନ୍ୟ ଅଣ-ଅଧିକୃତ ଠିକାଦାରଙ୍କ ଦ୍ୱାରା ବେଆଇନ୍ ଭାବେ କାମ କରାଯାଉଛି, ଯେଉଁଥିପାଇଁ କୌଣସି ଉଚ୍ଚପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। ଧାମନଗର-ବାରିକପୁର ଏବଂ ଭଦ୍ରକ-ଆରଡି ମୁଖ୍ୟ ରାସ୍ତାର ଦୟନୀୟ ଅବସ୍ଥା ଦୀର୍ଘଦିନ ଧରି ଗଛ କଟାଯାଇଥିଲେ ମଧ୍ୟ ଠିକାଦାରଙ୍କ ଅପାରଗତା ଯୋଗୁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧାପନ୍ତରିଆ ରାସ୍ତା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟି ଜନଜୀବନ ହାନି ହେଉଛି। ମନରେଗା ଯୋଜନାରେ ମହାଘୋଟାଲା ଧାମନଗର ବ୍ଲକରେ ମନରେଗା ଯୋଜନାରେ କୌଣସି ବାସ୍ତବ କାର୍ଯ୍ୟ ନକରି ଜାଲ୍ ବିଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ଆତ୍ମସାତ୍ କରାଯାଇଛି। ମାତ୍ର ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର (AE)ଙ୍କୁ ୮ଟି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦେଇ ନକଲି ବିଲ୍ ପ୍ରସ୍ତୁତ କରାଯାଉଛି। ଆବାସ ଯୋଜନାରେ ଦଳୀୟ ପ୍ରିୟାପ୍ରୀତି ତୋଷଣ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ବିଜେପି ଦଳୀୟ ଭିତ୍ତିରେ କୋଠାଘର ଥିବା ଧନୀ ଲୋକଙ୍କୁ ଆବାସ ଗୃହ ବଣ୍ଟନ କରାଯାଉଛି। ଭତ୍ତା ବନ୍ଦ ଯୋଗୁ ଭିନ୍ନକ୍ଷମଙ୍କ ଆତ୍ମହତ୍ୟା ଦୀର୍ଘ ୩ ମାସ ହେବ ବାର୍ଦ୍ଧକ୍ୟ (ଭିନ୍ନକ୍ଷମ) ଭତ୍ତା ମିଳିନଥିବାରୁ ଜଣେ ଅସହାୟ ବ୍ୟକ୍ତି ଔଷଧ କିଣିବାକୁ ଅସମର୍ଥ ହୋଇ ଆତ୍ମହତ୍ୟା କରିବା ସରକାରଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଚାଷୀ ମାରଣ ନୀତି ଓ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ମଣ୍ଡିରେ ରବି ଧାନ କିଣାରେ ସମବାୟ ସମିତିଗୁଡିକରେ ୨୨ ରୁ ୨୪ କିଲୋ ଧାନ ବେଆଇନ୍ ଭାବେ କଟନୀ ଛଟନୀ କରାଯାଉଛି। ଏଥିଯୋଗୁ ବମକୁରା ସେବା ସମବାୟ ସମିତିର ଜଣେ ଚାଷୀ ଅଭାବୀ ଧାନ ବିକ୍ରି ଯୋଗୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ରାସନ୍ କାର୍ଡ ପ୍ରଦାନରେ ପାତରଅନ୍ତର କେବଳ ଶାସକ ଦଳର କର୍ମୀ ଓ ସମର୍ଥକଙ୍କୁ ନୂତନ ରାସନ କାର୍ଡରେ ସାମିଲ କରାଯାଉଛି। ସାଧାରଣ ଜନତା ଏ ବିଷୟରେ ପଚାରିଲେ 'ସାଇଟ୍ ବନ୍ଦ ଅଛି' ବୋଲି ବାହାନା ଦେଖାଇ ପ୍ରତାରିତ କରାଯାଉଛି। ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ମହିଳା ସରପଞ୍ଚଙ୍କୁ ନିର୍ଯାତନା ରାଜ୍ୟରେ ପୋଲିସ ପ୍ରଶାସନ ନିଷ୍କ୍ରିୟ ହୋଇପଡ଼ିଛି। ମହାକାଳପଡ଼ା ବ୍ଲକରେ ଜଣେ ମହିଳା ସରପଞ୍ଚଙ୍କୁ ପୋଲିସ ଓ ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ ନିର୍ଦ୍ଦୟ ଭାବେ ମାଡ଼ ମାରିବା ଏବଂ ଓଲଟା ମହିଳା ସରପଞ୍ଚଙ୍କ ଉପରେ ମିଥ୍ୟା ଦଫା ଲଗାଇ କୋର୍ଟ ଚାଲାଣ କରିବା ସରକାରଙ୍କ ମହିଳା ବିରୋଧୀ ମାନସିକତାକୁ ସ୍ପଷ୍ଟ କରୁଛି। ଏହି ୧୦ ସମସ୍ୟା ନେଇ ଧାମନଗର ବ୍ଲକ ବିଜେଡ଼ି ପକ୍ଷରୁ ସରକାରଙ୍କୁ ଦୃଢ଼ ଚେତାବନୀ ଦିଆଯାଇଛି ଯେ, ଯଦି ଆଗାମୀ ଦିନରେ ଏହିସବୁ ପ୍ରଶାସନିକ ଦୁର୍ନୀତି ଏବଂ ମନମୁଖୀ କାର୍ଯ୍ୟକଳାପ ତୁରନ୍ତ ବନ୍ଦ ନହୁଏ, ତେବେ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଘେରାଉ ଓ ଆନ୍ଦୋଳନ କରାଯିବ।

# ଗୁରୁ ସତ୍ୟନାରାୟଣ ସୋନପୁର ଓ ସମ୍ବଲପୁର ଭିତରେ ସମ୍ପର୍କର ସେତୁ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନ ଏବଂ ସମ୍ବଲପୁରୀ ସଂସ୍କୃତି ପ୍ରତି ଅବଦାନ ଉପରେ ରବିବାର ସୋନପୁର ସୁରେଶ୍ୱରୀ ମନ୍ଦିର ପରିସରରେ ସାରସ୍ୱତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ ଭାଗିରଥୀ ମିଶ୍ରଙ୍କ ସଂଯୋଜନାରେ ଏବଂ ସାଂସ୍କୃତିକ ସଙ୍ଗଠକ ଶ୍ୟାମା ଓମ୍ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରୀ ସଂସ୍କୃତିର ବାଟ କଢୁଆଳ ଗୁରୁ ସତ୍ୟନାରାୟଣ ବହିଦାର ବହିର ଲେଖକ ଭବାନୀଶଙ୍କର ଭୋଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ସାହିତ୍ୟ ଏବଂ ଜୀବନ ଉପରେ ଆଲୋଚନା କରିଥିଲେ। ଶ୍ରୀ ଭୋଇ କହିଥିଲେ ଯେ ଗୁରୁ ସତ୍ୟନାରାୟଣ ହେଉଛନ୍ତି ସୋନପୁର ଏବଂ ସମ୍ବଲପୁର ଭିତରେ ସମ୍ପର୍କର ସେତୁ। ସମ୍ବଲପୁରୀ ଭାଷା ସାହିତ୍ୟର ସେ ପୁରୋଧା ହେବା ସହ ସାଂସ୍କୃତିକ ଚେତନାର ପଥ ପ୍ରଦର୍ଶକ । ଏହି ଅବସରରେ ଐତିହାସିକ ସୁଦାମ ନାଏକ ଗୁରୁ ସତ୍ୟନାରାୟଣଙ୍କ ସହ ସୋନପୁରର ସମ୍ପର୍କ ଉପରେ ଯେତିକି ଗବେଷଣା ହେବାକଥା ହୋଇପାରିନଥିବା କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଲେଖକ ଜିତେନ୍ଦ୍ର ପରିଡ଼ା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ସାହିତ୍ୟ ଉପରେ ଅଧିକ ଗବେଷଣା ହେବାକଥା ବୋଲି କହିଥିଲେ। ସଂସ୍କୃତି ସଙ୍ଗଠକ ଶାଶ୍ୱତ କୁମାର ତ୍ରିପାଠୀ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ସ୍ମୃତି ରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯିବାକୁ ମତ ଦେଇଥିଲେ। ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନରେ ସମ୍ବଲପୁରୀ ଦିନ ପାଳନ କରାଯିବା ପର ଠାରୁ ସମ୍ବଲପୁରୀ କପଡାର ଚାହିଦା ବୃଦ୍ଧି ପାଇଛି ଏବଂ ଏଥିପାଇଁ ବୁଣାକାରମାନେ ଅଧିକ ଉପକୃତ ହୋଇଛନ୍ତି ବୋଲି ଶ୍ରୀ ତ୍ରିପାଠୀ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସୋନପୁରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ସ୍ମୃତି ରକ୍ଷା ପାଇଁ ଉଦ୍ୟମ କରାଯିବା ଉପରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ ଭାଗିରଥୀ ମିଶ୍ର ଏଥିପାଇଁ ସୋନପୁରର ସାହିତ୍ୟ ଏବଂ ସଂସ୍କୃତି ପ୍ରେମୀଙ୍କର ମିଳିତ ବୈଠକ ଡକାଯାଇ ଖୁବଶୀଘ୍ର ପଦକ୍ଷେପ ନେବା ଉପରେ ଜୋର୍ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ନାତି ତରୁଣ ବହିଦାରଙ୍କ ସମେତ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଙ୍ଗଠନ ସଂଯୋଜକ ସୁବୋଧ କୁମାର ଦୋରା, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# କନକ ଦୁର୍ଗା ମନ୍ଦିରରେ ଶୀତଳଷଷ୍ଠୀ ଉତ୍ସବ ସମ୍ପନ୍ନ

**ରାଉରକେଲା, ନ୍ୟୁଜ୍**

ସେକ୍ଟର ୨ ସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିଚାଳନା କମିଟି ତରଫରୁ ଶୀତଳଷଷ୍ଠୀ ଓ ଶିବପାର୍ବତୀଙ୍କ ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଭାରତୀକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ନାରାୟଣ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବର ଶିବଙ୍କର ପିତାମାତା ଭାବେ ପ୍ରଭାତ ନାୟକ ଓ ପୂଜାରାଣୀ ନାୟକ ଓ କନ୍ୟା ପାର୍ବତୀଙ୍କ ପିତାମାତା ଭାବେ ଗଣେଶ ସାମଲ ଓ ସବିତା ସାମଲ ତଥା ପୂଜକ ଭାବେ ଅକ୍ଷୟ ମିଶ୍ର, ଜଗଦାନନ୍ଦ ପାଢ଼ୀ, ଅମରେନ୍ଦ୍ର ପତି ପ୍ରମୁଖ ଯୋଗଦେଇ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ନିହାର ରାୟ, ପ୍ରକାଶ ପାଶୱ୍ୱାନ, ହିମାଂଶୁ ବଳ, ଖଦାଳ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ରୀତିନୀତି ଅନୁଯାୟୀ ଶିବ ପାର୍ବତୀଙ୍କ ବିବାହ ମହାସମାରୋହରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଧାରଣ ସମ୍ପାଦକ ନାରାୟଣ ମହାନ୍ତି, ଉପସଭାପତି ସରୋଜ ରଞ୍ଜନ ଦାସ ଓ ଲଳିତ ସୁନ୍ଦର ଜେନା, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ବିଶ୍ୱାଳ, ଅଜୟ କୁମାର ଦାସ, ମନୋଜ କୁମାର ପାଣିଗ୍ରାହୀ, ବୁଲୁ ନନ୍ଦ, ଜଗବନ୍ଧୁ ପାଢ଼ୀ, ଅମରେନ୍ଦ୍ର ପତି, କମ୍ୟୁନିଷ୍ଟ ଗୌଡ଼ଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନେଇ ପ୍ରଶାସନିକ ପଦକ୍ଷେପ



**କେନ୍ଦୁଝର, ନ୍ୟୁଜ୍**

ହାଟଡ଼ିହି ବ୍ଲକର କରଗୋଳା, ରତକଣା ଓ ହାବେଳେଶ୍ୱର ଏବଂ ଘଷିପୁରା ବ୍ଲକର ଅତ୍ତା ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଥିବାର ଜଣାପଡିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ, ଉକ୍ତ ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ଏକ ମକ୍‌ଡ୍ରିଲ୍ ସହିତ କିପରି ଏହାକୁ କାର୍ଯ୍ୟରେ ଉପଯୋଗ କରାଯିବ, ତାହା ରେସ୍କ୍ୟୁ ଅପରେସନ୍ ଟିମ୍ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ବେଳେ ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କୁହାଯିବା ସହ ବିଶେଷକରି ଶିଶୁ, ବୃଦ୍ଧ, ଅସହାୟ ମହିଳା, ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଗୁରୁତର ଭାବେ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ବିପର୍ଯ୍ୟୟ ପରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯିବ ଓ ଏହି ଅସହାୟ ଲୋକଙ୍କୁ ପ୍ରାଥମିକତା ଦିଆଯିବ, ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ମହିଳା ଗୋଷ୍ଠୀର ସଦସ୍ୟ ଓ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

## ଅଳକା ଆଶ୍ରମ ପରିଚାଳନା କମିଟି ବୈଠକ

# ଅଳକା ପାଠାଗାରକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ଅଳକା ଆଶ୍ରମର ପରିଚାଳନା କମିଟି ବୈଠକ ଆବାହକ ଦେବେନ୍ଦ୍ର ନାଥ ରାଉତଙ୍କ ଅଧକ୍ଷତାରେ ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଇତିହାସରେ ଲିପିବଦ୍ଧ ଥିବା ଏହି ଅନୁଷ୍ଠାନକୁ ଆଗାମୀ ପିଢିଙ୍କ ପାଇଁ ଉତ୍ସାହ ଓ ଉଦ୍ଦୀପନାର ଏକ ପ୍ରାଣକେନ୍ଦ୍ରରେ ପରିଣତ କରିବା ନିମିତ୍ତ ସମସ୍ତ ସଦସ୍ୟ ସଦସ୍ୟା ସଂକଳ୍ପ ବଦ୍ଧ ବୋଲି ଆବାହକ ଶ୍ରୀ ରାଉତ ତାଙ୍କ ପ୍ରାରମ୍ଭିକ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଏହି ବୈଠକରେ ଅଳକା ପାଠାଗାର ଯାହା ଜିଲ୍ଲାର ଏକ ଗବେଷଣାତ୍ମକ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷାବିତ ସରୋଜ କୁମାର ବେହେରା, ପ୍ରକାଶରଞ୍ଜନ ଦାସ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି–୨୦୨୦ ଆନୁକୂଲ୍ୟରେ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହେଉଥିବା ଇଟର୍ଣ୍ଣସିପ୍ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଳକା ଆଶ୍ରମର ସଦସ୍ୟମାନେ ସମର୍ପିତ ପ୍ରୟାସ ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଭାବୀ କରିବା ପାଇଁ ଭଗବାନ ଦାସଙ୍କ ସଂଯୋଜନାରେ ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ପ୍ରତାପ କୁମାର ଲେଙ୍କା, ଡଃ ନିରଞ୍ଜନ ବିଶ୍ୱାଳ, ଡଃ ମୌସୁମୀ ପରିଡା, ଶାନ୍ତନୁ କୁମାର ମିଶ୍ରଙ୍କ ପ୍ରମୁଖ ଶିକ୍ଷାବିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ କ୍ରାନ୍ତି ଦିବସରୁ ମୁକ୍ତି ଦିବସ ପର୍ଯ୍ୟନ୍ତ 'ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମ'ର ତୃତୀୟ ବାର୍ଷିକୀ ଆସନ୍ତା ଅଗଷ୍ଟ ୯ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପୀ ଆୟୋଜନ କରିବା ପାଇଁ ସମସ୍ତ ବ୍ଲକର ସଂଯୋଜକମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ନଗେନ୍ଦ୍ରନାଥ ସ୍ୱାଇଁ, ପ୍ରେମଲତା ବାରିକ, ସୁରେଶ କୁମାର ପ୍ରଧାନ, ସୁଧୀର କୁମାର ବିଶ୍ୱାଳ, ବାସବ କୁମାର ନନ୍ଦ, ପ୍ରଦୀପ୍ତ କୁମାର ଶତପଥି ପ୍ରମୁଖ ଅଟନ୍ତି। ଅଳକା ଆଶ୍ରମର ଦୈନ୍ୟଦୀନ କାର୍ଯ୍ୟକ୍ରମକୁ ଆହୁରି ସଶକ୍ତ କରିବା ପାଇଁ କୋଷାଧକ୍ଷ ବିଜୟ କୁମାର ରଥ, ଜ୍ୟୋତିରଞ୍ଜନ ପ୍ରଧାନ, ସ୍ନେହମୟୀ ଆଚାର୍ଯ୍ୟ, ସୁଭାଷ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବହିରା, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସ୍ମୃତି ରଞ୍ଜନ ପରିଡା, ଜିତୁ ପ୍ରସାଦ ମଲ୍ଲିକ, ସତ୍ୟଜିତ ମହାନ୍ତି, ଅଜୟ କୁମାର ଗୋଛାୟାତ, ଆଲୋକ ରଞ୍ଜନ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

# ଫିଫା ବିଶ୍ୱକପ୍ : ଐତିହାସିକ ଗୋଲ୍ ସହ ଉରୁଗୁଏକୁ ଅଟକାଇଲା କେବ୍ ଭର୍ଡେ



**ମାୟାମି**

ଚଳିତ ଫିଫା ବିଶ୍ୱକପ୍‌ରେ ନିଜର ଐତିହାସିକ ପ୍ରଦର୍ଶନ ଜାରି ରଖିଛି କେବ୍ ଭର୍ଡେ। ମାୟାମି ଷ୍ଟାଡିୟମରେ ସୋମବାର ଭୋର ସମୟରେ ଖେଳାଯାଇଥିବା ଗ୍ରୁପ 'ଏଚ୍' ମ୍ୟାଚ୍‌ରେ ଉରୁଗୁଏ ସହ ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଛି ଏହି ଆଫ୍ରିକୀୟ ଦେଶ। ତେବେ ଏହି ଦଳ ଦ୍ୱାରା କରାଯାଇଥିବା ଏକ ଗୋଲ୍ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ଚର୍ଚ୍ଚିତ ଗୋଲ୍‌ଟି ମ୍ୟାଚ୍ ?ର ୨୧ତମ ମିନିଟ୍‌ରେ କେବ୍ ଭର୍ଡେ ପକ୍ଷରୁ କେଭିନ୍ ପିନା ଦେଇଥିଲେ। ଏକ 'ଫ୍ରି କିକ୍'କୁ ଗୋଲ୍‌ରେ ପରିଣତ କରି ସେ ବିପକ୍ଷ ଉରୁଗୁଏକୁ ସ୍ତବ୍ଧ କରି ଦେଇଥିଲେ। ୧୯୬୬ ପରେ ଫିଫା ବିଶ୍ୱକପ୍‌ରେ ଫ୍ରି କିକ୍‌କୁ ଗୋଲ୍‌ରେ ପରିବର୍ତ୍ତନ କରିବାର ଏକ ପ୍ରଥମ ଘଟଣା। ଆଉ ଏକ କାରଣରୁ ପିନାଙ୍କ ଗୋଲ୍‌କୁ ଐତିହାସିକ ବୋଲି କୁହାଯାଉଛି, ତାହା ହେଉଛି ବିଶ୍ୱକପ୍ ଇତିହାସରେ କେବ୍ ଭର୍ଡେର ଏହା ପ୍ରଥମ ଗୋଲ୍।

୨୧ ତମ ମିନିଟ୍‌ରେ କେବ୍ ଭର୍ଡେ ଏହି ଗୋଲ୍ ଦେଇ ୧-୦ରେ ଆଗୁଆ ହୋଇଯାଇଥିଲେ ବି ମଧ୍ୟାନ୍ତରର ଠିକ୍ ପୂର୍ବରୁ ଉରୁଗୁଏ ପକ୍ଷରୁ ମାକ୍ସି ଆରାଉଜୋ ଏକ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ଆହତ ସମୟରେ ଅଗଷ୍ଟିନ କାନୋବିଓ ଆଉ ଏକ ଗୋଲ୍ ଦେଇ ଉରୁଗୁଏକୁ ୨-୧ରେ ଆଗୁଆ କରିଦେଇଥିଲେ। କିନ୍ତୁ ଉରୁଗୁଏ ଆଗରେ ହାର୍ ମାନିବାକୁ ପ୍ରସ୍ତୁତ ନଥିଲା କେବ୍ ଭର୍ଡେ। ୫୮ତମ ମିନିଟ୍‌ରେ ଗ୍ୟାରି ରୋଡ୍ରିଗ୍ସଙ୍କ ସ୍ଥାନରେ ପଡ଼ିଆକୁ ଆସିଥିବା ହେଲିଓ ଭାରେଲା ମାତ୍ର ତିନି ମିନିଟ୍ ପରେ ଅର୍ଥାତ୍ ୬୧ତମ ମିନିଟ୍‌ରେ ଏକ ଗୋଲ୍ କରି ସ୍ଥିତିକୁ ପୁଣି ବରାବର କରିଦେଇଥିଲେ। ଶେଷ ପର୍ଯ୍ୟନ୍ତ ଦୁଇ ଦଳ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ ଗୋଲ୍ ହୋଇନଥିଲା। ଦୁଇଟି ଡ୍ର ସହ ୨ ପଏଣ୍ଟ ପାଇବା ପରେ କେବ୍ ଭର୍ଡେର ନକ୍‌ଆଉଟ୍ ଖେଳିବା ସମ୍ଭାବନା ବୃଦ୍ଧି ପାଇଛି।

## ଶେଷ ହେଲା ୯୨ ବର୍ଷର ଅପେକ୍ଷା

# ନ୍ୟୁଜିଲାଣ୍ଡକୁ ହରାଇ ବିଶ୍ୱକପରେ ନିଜର ପ୍ରଥମ ବିଜୟ ହାସଲ କଲା ମିଶର

**ଭାଙ୍କୋଭର**

ଫିଫା ବିଶ୍ୱକପରେ ପ୍ରଥମ ବିଜୟ ପାଇଁ ମହମ୍ମଦ ସଲାହଙ୍କ ଭଳି ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ମିଶର (ଇଜିପ୍ଟ) ଦଳର ୯୨ ବର୍ଷର ଅପେକ୍ଷା ସୋମବାର ଶେଷ ହୋଇଛି। ବିଶ୍ୱକପର ଚଳିତ ସଂସ୍କରଣରେ କାନାଡାର ଭାଙ୍କୁଭରଠାରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୧ ଗୋଲରେ ମିଶର ପରାସ୍ତ କରିଛି। ବର୍ଷ ୧୯୩୪ରେ ବିଶ୍ୱକପରେ ପଦାର୍ପଣ କରିଥିବା ମିଶର ଦଳର ଫୁଟବଲର ଏହି ମହାକୁମ୍ଭରେ ଏହା ହେଉଛି ପ୍ରଥମ ବିଜୟ। ଏହି ବିଜୟ ଦଳ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନଙ୍କର ଉତ୍ସବରୁ ସ୍ପଷ୍ଟ ଜଣାପଡୁଥିଲା।



ମିଶର ଦଳର ଆରମ୍ଭ ଯେପରି ହୋଇଥିଲା, ତାହା ଦେଖି ଆଦୌ ଲାଗୁ ନଥିଲା ଯେ ୯୨ ବର୍ଷ ଧରି ଚାଲିଆସୁଥିବା ତା'ର ପ୍ରଥମ ବିଜୟର ଅପେକ୍ଷା ଶେଷ ହେବ। କାରଣ ନ୍ୟୁଜିଲାଣ୍ଡ ଦଳ ୧୫ତମ ମିନିଟରେ ହିଁ ଏକ ଗୋଲ୍ ଦେଇ ଅଗ୍ରଣୀ ହାସଲ କରିନେଇଥିଲା। ଦଳ ପାଇଁ ଏହି ଗୋଲ୍ ଫିନ୍ ସରମ୍ୟାନ୍ କରିଥିଲେ। ଏଠାରେ ନ୍ୟୁଜିଲାଣ୍ଡ ଦଳକୁ ଏକ କର୍ଣ୍ଣର୍ ମିଳିଥିଲା, ଯାହାକୁ ଟିମ୍ ପାୟନେ ନେଇଥିଲେ। ସେ ବକ୍ସ ଭିତରକୁ ଏକ ଚମତ୍କାର କିକ୍ ମାରିଥିଲେ ଏବଂ ଫିନ୍ ସେଥିରେ ଏକ ସୁନ୍ଦର ହେଡର୍ କରି ବଲକୁ ନେଟ୍ ଭିତରକୁ ପଠାଇ ନ୍ୟୁଜିଲାଣ୍ଡକୁ ଆଗୁଆ କରିଦେଇ ଥିଲେ। ପ୍ରଥମ ହାଫ୍‌ରେ ନ୍ୟୁଜିଲାଣ୍ଡ ଆଉ କୌଣସି ଗୋଲ୍ କରିନଥିଲା ଏବଂ ମିଶର ଦଳକୁ ମଧ୍ୟ କୌଣସି ଗୋଲ୍ କରିବାକୁ ଦେଇନଥିଲା।

ପ୍ରଥମ ହାଫରେ ଫେଲ୍ ମାରିଥିବା ମିଶର ଦ୍ୱିତୀୟ ହାଫରେ ଚୁପ୍ ବସି ନଥିଲା ଏବଂ ଆକ୍ରମଣ କରି ଖେଳିବାର ରଣନୀତି ଆପଣାଇଥିଲା। ଏହାର ଫାଇଦା ଦଳକୁ ୫୮ତମ ମିନିଟରେ ମିଳିଥିଲା, ଯେତେବେଳେ ମୁସ୍ତଫା ଜିକୋ, ମହମ୍ମଦ ହେନିଙ୍କ କ୍ରସ୍ କରିଥିବା ବଲ୍‌କୁ ନିଜ ମୁଣ୍ଡ ସାହାଯ୍ୟରେ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଏଠାରେ ଦୁଇ ଦଳର ସ୍କୋର ବରାବର ହୋଇଯାଇଥିଲା।

୬୭ତମ ମିନିଟ୍‌ରେ ମିଶର ଅଗ୍ରଣୀ ହାସଲ କରିନେଇଥିଲା। ଏଠାରେ ମହମ୍ମଦ ସଲାହ ଏବଂ ଜିକୋ ପରସ୍ପରକୁ ପାସ୍ ଦେଇ ଏକ ସୁଯୋଗ ସୃଷ୍ଟି କରିଥିଲେ ଏବଂ ପରେ ଏକ ଚମତ୍କାର କିକ୍ ମାରି ଗୋଲ୍ କରିଥିଲେ। ଏହା ସଲାହଙ୍କ ପ୍ରଥମ ଏବଂ ମିଶର ଦ୍ୱିତୀୟ ଗୋଲ୍ ଥିଲା। ଏହାପରେ ୮୨ତମ ମିନିଟରେ ସଲାହ ଏକ କର୍ଣ୍ଣର୍ କିକ୍ ନେଇଥିଲେ, ଯାହାକୁ ଟ୍ରେଜେଗୁଏଟ୍ ନେଟ୍ ଭିତରକୁ ପଠାଇ ମିଶରକୁ ଦୁଇଟି ଗୋଲରେ ଆଗୁଆ କରିଦେଇଥିଲେ। ଏହାପରେ ନ୍ୟୁଜିଲାଣ୍ଡ ଦଳ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନଥିଲା ଏବଂ ମିଶର ୯୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲା।

## ତୁର୍କୀରେ ଇତିହାସ ରଚିଲେ କଳାହାଣ୍ଡି ପୁଅ ଆକାଶ

**ଭବାନୀପାଟଣା**

ତୁର୍କୀ ଦେଶର ମରସିନ ସହରରେ ଗତ ୧୮ରୁ ଚାଲିଥିବା ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ୟୁଥ୍ ଗେମ୍ସ-୨୦୨୬ରେ କଳାହାଣ୍ଡି ପୁଅ ଆକାଶ ରଞ୍ଜନ ମୁଣ୍ଡ ଇତିହାସ ରଚିଛନ୍ତି। ରବିବାର ଫାଇନାଲରେ ପୁରୁଷ ଏକକ (ଏସଏଲ୩) ଏବଂ ମିକ୍ସଡ ଡବଲ୍ସ (ଏସଏଲ ୩-ଏସୟୁ୫) ୨ଟି ବିଭାଗରେ ଚାମ୍ପିୟନ ହୋଇ ଭାରତ ପାଇଁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଆଉ ଏକ ବିଭାଗରେ (ଇଭେଣ୍ଟ)ରେ ରୌପ୍ୟ ପଦକ ହାସଲ କରିଛନ୍ତି। ତାଙ୍କର ଏହି ସଫଳତାକୁ ନେଇଁ ରାଜ୍ୟ ତଥା ଦେଶର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନେକ ଲୋକ ନିଜ ସୋସିଆଲ ମିଡିଆରେ ଆକାଶର ଏହି ସଫଳତାକୁ ନେଇ ଉତ୍ସାହ ଜାହିର କରିଛନ୍ତି।



# ବୈଭବଙ୍କ ଅନ୍ତର୍ଜାତୀୟ ଡେବ୍ୟୁ ପୂର୍ବରୁ ଡାରେଲ କଲିନନ୍‌ଙ୍କ ବଡ଼ ଚେତାବନୀ





ଡାରେଲ କଲିନନ୍

ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ଶ୍ରୀଲଙ୍କା ଏ ବିପକ୍ଷ ଫାଇନାଲରେ ବିଧ୍ୱଂସୀ ପାଳି ଖେଳି ଭାରତ ଏ' କୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ୨୯ ବଲରୁ ୯୪ ରନର ପାଳି ଖେଳିଥିବା ବୈଭବ ପ୍ଲେୟାର ଅଫ୍ ଦ ମ୍ୟାଚ୍ ହୋଇଥିଲେ। ଆଇପିଏଲ ପରେ ଇଣ୍ଡିଆ-ଏ ଟିମ୍‌ରେ ସଫଳ ହୋଇଛନ୍ତି। ଆଉ ଏବେ ଅନ୍ତର୍ଜାତୀୟ ଡେବ୍ୟୁ କେମିତି ହେଉଛି ଏହା ଉପରେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡ ଏବଂ ଆୟାରଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ଦଳରେ ସ୍ଥାନ ପାଇଛନ୍ତି ବୈଭବ। ତେବେ ଡେବ୍ୟୁ କରିବା ପୂର୍ବରୁ ବୈଭବଙ୍କୁ ବଡ଼ ଚେତାବନୀ ଦେଇଛନ୍ତି ଦକ୍ଷିଣଆଫ୍ରିକାର ପୂର୍ବତନ କ୍ରିକେଟର ଡାରେଲ କଲିନନ୍। ସେ କହିଛନ୍ତି କି, ବୈଭବ କ୍ୟାରିୟରରେ ବିପଦପୂର୍ଣ୍ଣ ଆଘାତ ପାଇବାର ସମ୍ଭାବନା ରହିଛି। ଯାହା ସଚିନ ମଧ୍ୟ ପାଇଥିଲେ। ଡାରେଲ ବୈଭବଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି କି, ସୂର୍ଯ୍ୟବଂଶୀ ଜଣେ ଚମତ୍କାର ଏବଂ ଅବିଶ୍ୱସନୀୟ ଖେଳାଳି। ମୁଁ ତାଙ୍କର ଜଣେ ବଡ଼ ଫ୍ୟାନ। ଏହାସହ ସେ କହିଛନ୍ତି କି, ୧୫ ବର୍ଷ ବୟସରେ ସେ ଏତେ ଭାରୀ ବ୍ୟାଟରେ ଖେଳୁଛନ୍ତି ଯାହାକୁ ନେଇ ମୁଁ ଚିନ୍ତିତ। ତାଙ୍କ ହାତ ଏବଂ କହୁଣୀକୁ ନେଇ ମୁଁ ଚିନ୍ତିତ। ସଚିନ ମଧ୍ୟ ଭାରୀ ବ୍ୟାଟ୍ ଖେଳି ସ୍ୱିଙ୍ଗ୍ କରୁଥିଲେ ଏବଂ କହୁଣୀ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଯାହା ସୂର୍ଯ୍ୟବଂଶୀଙ୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିବ। ସଚିନ ଟେନିସ୍ ଏଲବୋ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସଚିନ ଭାରୀ ବ୍ୟାଟରେ ଖେଳୁଥିଲେ ଏବଂ ୨୦୦୪ରୁ ୨୦୦୬ ମଧ୍ୟରେ ଟେନିସ୍ ଏଲବୋ ସମସ୍ୟା ଭୋଗୁଥିଲେ। ଏହାପରେ ସେ ହାଲ୍‌କା ବ୍ୟାଟ୍ ବ୍ୟବହାର କରିଥିଲେ। ୨୦୧୩ରେ ସଚିନଙ୍କ କ୍ୟାରିୟର ଶେଷ ହୋଇଥିବାବେଳେ ୨୦୧୧ରେ ବିଶ୍ୱକପ ଜିତିଥିଲେ। ତେବେ ବୈଭବ ଏବେ କମ୍ ବୟସର ଖେଳାଳି ହୋଇଥିବା ବେଳେ ସେ ମଧ୍ୟ ଭାରି ବ୍ୟାଟ୍‌ରେ ଖେଳୁଥିବାରୁ ଟେନିସ୍ ଏଲବୋ ସମସ୍ୟା ଭୋଗିପାରନ୍ତି। ଏଣୁ ଆଗୁଆ ସଚେତନ ହୁଅନ୍ତୁ ବୋଲି ସେ କହିଛନ୍ତି।

## ପଞ୍ଚମ ଜିଲ୍ଲାସ୍ତରୀୟ ଇଜତେମା ଉଦ୍‌ଯାପିତ

# କେରଙ୍ଗ ମଜଲିସ ଖୁଦ୍ଦାମୁଲ ଅହମଦିୟା ଚାମ୍ପିଅନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ୟୁନିଟ-୪ ଏମ.ଏଲ.ଏ କଲୋନୀ ସ୍ଥିତ ମସଜିଦ ହମଦ୍ ଠାରେ ପଞ୍ଚମ ଜିଲ୍ଲାସ୍ତରୀୟ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦିୟା ଖୋର୍ଦ୍ଧା, ନୟାଗଡ଼ ଓ ପୁରୀର ବାର୍ଷିକ ଇଜତେମା ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଅଖିଳ ଭାରତ ମଜ୍‌ଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ।



ପବିତ୍ର କୋରାନ ପାଠ ମବରୁର ଅହମଦ କରିଥିଲେ। ମଜଲିସ ଖୁଦ୍ଦାମୁଲ ଅହମଦିଆର ଶପଥ ପାଠ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କରାଇଥିଲେ। ଉର୍ଦ୍ଦୁ ନଜମ ସଂଗୀତ ଶେଖ ଇସହାକ ଅଲ୍ଲି ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବ ଭାରତର ଉପସଭାପତି ସିଦ୍ଦିକ ଖାନ୍ ନିଜ ଭାଷଣରେ ସତ୍ୟନିଷ୍ଠ ଓ ଧର୍ମପରାୟଣ ହେବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦିଆର ବାର୍ଷିକ ବିବରଣୀ ଜିଲ୍ଲା ସଭାପତି ସୋଲେମାନ ଅହମଦ ଉପସ୍ଥାପନ କରିଥିଲେ। ସଭାପତି ଇଜତେମା କମିଟି ପରୱେଜ ଅହମଦ ସିରାଜ ଧନ୍ୟବାଦ ଅର୍ପଣ କରିଥିଲେ।

ସଭାପତିତ୍ୱ ଭାଷଣରେ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କହିଲେ, ଯୁବସୁଧାରରେ ହିଁ ସମାଜ ସୁଧାର ସମ୍ଭବ। ଏହି ଦୁଇ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେବା ସହ ଧାର୍ମିକ ପ୍ରତିଯୋଗିତାରେ ପବିତ୍ର କୋରାନ ପାଠ, ଉର୍ଦ୍ଦୁ ଓ ଓଡ଼ିଆ ନଜମ, ବକ୍ତୃତା, କୁଇଜ, ଦେଖ ଓ ଲେଖ, ଲିଖିତ ପରିକ୍ଷା ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଫଳାଫଳ ଓ ବାର୍ଷିକ କାର୍ଯ୍ୟରୋପୋର୍ଟ ଆଧାର ଅନୁଯାୟୀ ଚଳିତ ବର୍ଷ ମଜଲିସ ଖୁଦ୍ଦାମୁଲ ଅହମଦିୟା କେରଙ୍ଗ ଜିଲ୍ଲା ଚାମ୍ପିଅନ ହୋଇଛି।

ଏହି ପ୍ରତିଯୋଗିତାରେ ବିଚାରପତି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଜିଲ୍ଲା ମୌଲାନା ଇନଚାର୍ଜ ହଲିମ ଅହମଦ, କଟକ ସହରର ମୌଲାନା ଫଜଲ ହକ ଖାନ, ଦଶପଲ୍ଲାର ମୌଲାନା ଶେଖ ଅବ୍ଦୁଲ କାଦିର, ମହମୁଦାବାଦର ମୌଲାନା ଅଖତରୁଦ୍ଦିନ ଖାଁ, ଭୁବନେଶ୍ୱରର ମୌଲାନା ହଲିମ ଖାଁ, ମୌଲାନା ସୟଦ ଫଜଲେ ନଇମ, କଳିଙ୍ଗ ବିହାରର ମୌଲାନା ତାରିକ ମହମ୍ମଦ, ମୌଲବି ଅବୁବକର ସିଦ୍ଦିକ, ବିଡିଏର ମୌଲବି ଅବଦୁଲ ହଲିମ ଖାଁ ଏବଂ ଶେଖ ଇସହାକ ଯୋଗ ଦେଇଥିଲେ। ଏହି ଇଜତେମାରେ କେରଙ୍ଗ, ମହମୁଦାବାଦ, ଭୁବନେଶ୍ୱର ୟୁନିଟ-୪, ଓ.ଏସ.ଏ.ପି, କଳିଙ୍ଗ ବିହାର, ଜଟଣୀ, ଖୋର୍ଦ୍ଧା, ମାଣିକାଗୋଡ଼ା, ଦଶପଲ୍ଲା, ଚାରିଛକ, ଖଜୁରୀପଡ଼ା, ସିରିପାରୀ, ଖଜୁରୀଆପଡ଼ା ଏବଂ ପୁରୀ ସଂଗଠନର ଶତାଧିକ ଯୁବକ ଓ ପିଲାମାନେ ପ୍ରତିଯୋଗିତାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## ଗୋଲକିପରଙ୍କ ଦମ୍‌ଦାର ପ୍ରଦର୍ଶନ

# ଇରାନର ନକ୍‌ଆଉଟ୍ ଆଶା ଉଜ୍ଜୀବିତ

**ଇଙ୍ଗଲଉଡ୍**



ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ଶକ୍ତିଶାଳୀ ବେଲଜିୟମ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌କୁ ୦-୦ ଗୋଲରେ ଇରାନ ଡ୍ର' ରଖିଛି। ଏଥିସହିତ ଦଳ ନକ୍ ଆଉଟ୍ ରାଉଣ୍ଡ ଅଭିମୁଖେ ଏକ ପାଦ ଆଗେଇଛି।

ଇରାନର ଗତ ମ୍ୟାଚ୍ ଭଳି ଏଥର ମଧ୍ୟ ଫିଲ୍ଡ ବାହାରେ ପ୍ରଶଂସକଙ୍କ ବ୍ୟବହାର ଚର୍ଚ୍ଚାର ବିଷୟ ପାଲଟିଥିଲା। ମ୍ୟାଚ୍‌ର ଶେଷ ସମୟରେ ପ୍ରି-ରିଭଲ୍ୟୁସନାରି ପତାକା ଶାର୍ଟ ପିନ୍ଧିଥିବା ଜଣେ ପ୍ରଶଂସକଙ୍କୁ ଫିଲ୍ଡ ମଧ୍ୟକୁ ପ୍ରବେଶ କଲା ବେଳେ ଗିରଫ କରାଯାଇଥିଲା। ଗତ ମ୍ୟାଚ୍ ଭଳି ଏଥର ମଧ୍ୟ ଷ୍ଟାଡିୟମ ବାହାରେ କିଛି ପ୍ରଶଂସକ ଇରାନ ଦଳର ଅଂଶଗ୍ରହଣତାକୁ ବିରୋଧ କରିଥିଲେ। ଲୁକାକୁ, ଲିଆଣ୍ଡ୍ରୋ ଟ୍ରସାର୍ଡ, କେଭିନ ଡେ ବ୍ରୁୟନ ଓ ଆଲେକ୍ସିସ ସେଲମେକର୍ସଙ୍କୁ ନେଇ ଗଠିତ ୱାର୍ଲ୍ଡ ନଂ.୯ ବେଲଜିୟମ ଦଳ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଦଳ ପକ୍ଷରୁ ଗୋଲ ପାଇଁ ୨୨ ଥର ଉଦ୍ୟମ କରାଯାଇଥିଲା ଏବଂ ୭ ଥର ଟାର୍ଗେଟରେ ଥିଲା। ଏହାସତ୍ତ୍ୱେ କୌଣସି ଖେଳାଳି ଗୋଲ ସ୍କୋର କରିପାରି ନ ଥିଲେ। ଇରାନ ପାଇଁ ଗୋଲକିପର ଅଲିରେଜା ବେଇରାନଭାଣ୍ଡ ଚମତ୍କାର ଗୋଲ କିପିଂ ପ୍ରଦର୍ଶନ କରି ୭ଟି ସେଭ କରିଥିଲେ। ଏଥିଯୋଗୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ପ୍ରିତମ୍‌ଙ୍କୁ ସ୍ୱର୍ଣ୍ଣ : ୧୧ରେ ପହଞ୍ଚିଲା ଭାରତର ପଦକ ସଂଖ୍ୟା



**ସୁଲ୍ (ଜର୍ମାନୀ)**

ଏଠାରେ ଚାଲିଥିବା ବିଶ୍ୱ କନିଷ୍ଠ ବନ୍ଧୁକଚାଳନା ଚାମ୍ପିଅନସିପ୍‌ରେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି। ବାଳକ ୧୦ ମିଟର ଏୟାର ରାଇଫଲ୍ ବର୍ଗରେ ପ୍ରିତମ କେନ୍ଦ୍ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ୍‌ରେ ପୁଣେର ଏହି ୧୬ ବର୍ଷୀୟ କିଶୋର ୨୫୧.୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ। ରୁଷର ତିମୋଫେଇ ଆଲେନକୋଭ୍ ରୌପ୍ୟ ଓ ନରୱେର ଜେନ୍ସ ଓଏଷ୍ଟଲି କାଂସ୍ୟ ପଦକ ଜିତିଛନ୍ତି। ସେହିପରି ବାଳିକା ଦଳଗତ ୨୫ ମିଟର ଇଭେଣ୍ଟରେ ଭାରତ କାଂସ୍ୟ ପଦକ ଜିତିଛି। ଏହା ସହିତ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସହ ମୋଟ ୧୧ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ୮୦୦ରୁ ଅଧିକ ସୁଟର ଯୋଗ ଦେଇଛନ୍ତି। ସେଠାକୁ ଭାରତ ଏକ ୮୪ ଜଣିଆ ଦଳ ପଠାଇଛି।

## ସରପଞ୍ଚ ଚାମେଲୀ ଓଝାଙ୍କ ସପକ୍ଷରେ ମୟୂରଭଞ୍ଜ ସରପଞ୍ଚ ମହାସଂଘ

# ନ୍ୟାୟ ପ୍ରଦାନ ସହ ତାଙ୍କୁ ସମ୍ପୂର୍ଣ୍ଣ ଦୋଷ ମୁକ୍ତ ନକଲେ କାର୍ଯ୍ୟବନ୍ଦ ଆନ୍ଦୋଳନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସୋମବାର ମୟୂରଭଞ୍ଜ ଜିଲ୍ଲା ସରପଞ୍ଚ ମହାସଙ୍ଘ ତରଫରୁ ଜିଲ୍ଲା ପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ସରପଞ୍ଚ ଚେମେଲୀ ଓଝାଙ୍କ କ୍ଷେତ୍ରରେ ଘଟିଥିବା ଅନ୍ୟାୟର ପ୍ରତିବାଦ ସହିତ ତାଙ୍କୁ ନ୍ୟାୟ ପ୍ରଦାନ ଏବଂ ତାଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲାରେ ତାଙ୍କୁ ସମ୍ପୂର୍ଣ୍ଣ ଦୋଷ ମୁକ୍ତ କରାଯିବାକୁ ଦାବି କରାଯାଇଛି। ସୂଚନା ମୁତାବକ ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟିକରିଥିବା ତୀଖରୀ ଗ୍ରାମପଞ୍ଚାୟତର ସରପଞ୍ଚ ସୁଶ୍ରୀ ଚାମେଲୀ ଓଝାଙ୍କ ପ୍ରତି ହୋଇଥିବା ଅତ୍ୟନ୍ତ ନିନ୍ଦନୀୟ, ଅମାନୁଷିକ ଅଗଣତାନ୍ତ୍ରିକ ଅତ୍ୟାଚାରକୁ ବିରୋଧ କରାଯାଇ ତାର ନ୍ୟାୟିକ ତଦନ୍ତ ଏବଂ ସିସି ଟିଭି ଫୁଟେଜ୍ ଓ ଚାମେଲୀ ଓଝାଙ୍କ ମୋବାଇଲ ଫୋନରେ ରେକର୍ଡ଼ ହୋଇଥିବା ସମସ୍ତ ପ୍ରସଙ୍ଗକୁ ସାର୍ବଜନୀନ କରିବା ନିମନ୍ତେ ମହାମହିମ ରାଜ୍ୟପାଳଙ୍କୁ ମୟୂରଭଞ୍ଜ ଜିଲ୍ଲା ସରପଞ୍ଚ ମହାସଂଘ ତରଫରୁ ଅନୁରୋଧ କରାଯାଇଛି। ସରପଞ୍ଚ ଚାମେଲୀ ଓଝାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାଙ୍କୁ ସମ୍ପୂର୍ଣ୍ଣ ଦୋଷ ମୁକ୍ତ ନକରାଯିବା ପର୍ଯ୍ୟନ୍ତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନେ କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦାନ ନଦେବାକୁ ଜିଲ୍ଲା ସରପଞ୍ଚ ସଂଘ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଭାପତି ଖଗେଶ୍ୱର ସିଂ, ସଂଯୋଜକ ଦାନ୍ଦୁ ମୁର୍ମୁ, ସମ୍ପାଦକ ଲକ୍ଷେଶ୍ୱର ନାଏକ, ସରପଞ୍ଚ ଉର୍ମିଳା ସିଂ, ଫକିରା ସିଂ, ରାମଜୀତ ହେମ୍ବ୍ରମ, ବାବୁଲା ମୁର୍ମୁ, ସ୍ୱାଲାଗେ ହେମ୍ବ୍ରମ, ଟିକିଲି ସୋରେନ, ସୁକୁଲ ମାରାଣ୍ଡି, ଝଡ଼େଶ୍ୱର ହାଁସଦା, ସତ୍ୟବାନ ସିଂ, ଦୟାଭାଇ, ଲୋକେଶ୍ୱର ନାଏକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସରପଞ୍ଚମାନେ ଉପସ୍ଥିତ ଥିଲେ।

# ଏସିଆନ୍ ରିଲେ ଚାମ୍ପିଅନସିପ୍ : ଚୀନରେ ଚମକିଲେ ଓଡ଼ିଆ ଝିଅ ଶ୍ରାବଣୀ

**ନୂଆଦିଲ୍ଲୀ**

ଚୀନର ଶାଙ୍ଗୟୁଠାରେ ଅନୁଷ୍ଠିତ ୨୦୨୬ ଏସୀୟ ରିଲେ ଚାମ୍ପିଅନସିପରେ ଭାରତୀୟ ଆଥଲେଟ ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାର ଶେଷ ଦିନରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛି।

ରବିବାର ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ, ସ୍ନେହା ଶାନୁଭଲ୍ଲୀ, ସୁଦେଶ୍ନା ଶିବଙ୍କର ଓ ତମନ୍ନାଙ୍କୁ ନେଇ ଗଠିତ ଭାରତୀୟ ଦଳ ବେଶ୍ ଚମତ୍କାର ଫର୍ମରେ ନଜର ଆସିଥିଲେ। ଏହି ଧାବିକାମାନେ ୪୩.୮୫ ସେକେଣ୍ଡରେ ସିଜିନ୍-ବେଷ୍ଟ (ସିଜିନର ଶ୍ରେଷ୍ଠ) ସମୟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଦୌଡ଼ରେ ଚୀନ୍ ୪୪.୦୯ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ଏବଂ ଥାଇଲାଣ୍ଡ ୪୪.୧୧ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲା।

ଚଳିତ ପ୍ରତିଯୋଗିତାରେ ଭାରତ ମୋଟ ୩ଟି ପଦକ (ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ଜିତିବାରେ ସଫଳ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତୀୟ ମିକ୍ସଡ୍ ୪x୪୦୦ ମିଟର ଦଳ ରୌପ୍ୟ ପଦକ ଜିତି ଅଭିଯାନ ଆରମ୍ଭ କରିଥିଲା।



ମହିଳା ଆଥଲେଟର ଗୌରବ ଅର୍ଜନ କରିଥିବା ଓଡ଼ିଆ ଝିଅ ଶ୍ରାବଣୀ ନନ୍ଦ ଚୀନରେ ଅନୁଷ୍ଠିତ ଏସିଆନ୍ ରିଲେ ଚାମ୍ପିଅନସିପର ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏହି ସଫଳତାରେ ଖୁସି ବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି। ସେ ଏକ 'ଏକ୍ସ' ପୋଷ୍ଟରେ ଲେଖିଛନ୍ତି, 'ଚୀନରେ ଅନୁଷ୍ଠିତ ଦ୍ୱିତୀୟ ଏସୀୟ ରିଲେ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳକୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଚମତ୍କାର ପ୍ରଦର୍ଶନ ପାଇଁ ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କୁ ବହୁତ ବହୁତ ବଧେଇ। ସେମାନେ ଏମିତି ଆଗକୁ ବଢ଼ନ୍ତୁ, ସଫଳତା ହାସଲ କରନ୍ତୁ ଏବଂ ଦେଶ ପାଇଁ ଆହୁରି ଅନେକ ଗୌରବ ଆଣିଦିଅନ୍ତୁ। ଆଗାମୀ ଦିନ ପାଇଁ ଅନେକ ଅନେକ ଶୁଭକାମନା।'


**MUNICIPAL OFFICE : JAJPUR** 13001/976/2627

**SHORT TENDER CALL NOTICE**

**No: 2386 / Date : 20/06/2026**

Jajpur Municipality invites sealed tender call notice to be drawn in Municipal Agreement Form No. W-III is invited from Registered Contractors of Government / Semi-Government / Jajpur Municipality Contractors against the work mentioned in the table given below. The Tender papers along with valid Contractor Registration certificate, GS.T,PAN card tender paper cost, 1% E.M.D. shall be received by the undersigned from 11.00AM of Dt.22.06.2026 to Dt.30.06.2026 up to 12.00 PM and will be opened at 03.00PM on Dt.01.07.2026 in the Office of the undersigned. The Tender paper will be sold with paper cost Rs.600/- only from 11.00AM of Dt.22.06.2026 to 12.00PM of Dt.30.06.2026 during the above stated Office hours on working days. Valid Contractor Licence is to be enclosed with Tender Paper to the Office of undersigned.

The authority reserves the right to reject any or all Tenders without assigning any reason there of and is not bound to accept the lowest tender.

| Sl No- | Name of the work | Estimated Cost | Class of Contractor | Time of Completion | Cost of Bid docume refundable |
|---|---|---|---|---|---|
| 1 | 2 | 3 | 4 | 5 | |
| 1 | Uprooting of unwanted trees and shrubs cleaning of roofslab and emergency repair of sheet roofing of Biraja market complex of jaipur Municipality | 168908 | "D" & "C" Municipal Contractor | 30 days | 600/- |
| 2 | Repair and Restoration of water supply to Mahasmasan | 102966 | "D" & "C" Municipal Contractor | 30 days | 600/- |
| 3 | Repairing of Budha park and Mausi maa temple in ward no 01 | 152543 | "D" & "C" Municipal Contractor | 30 days | 600/- |

OIPR-13001/13171/1/26-27/0003 Sd/- Executive Officer, Jajpur Municipality



25001/480/2627

**'e' PROCUREMENT NOTICE NO.05/ 2026-27**

1. Name of work. : Road Works
2. Total No. of Work. : 39 (Thirty nine) works.
3. Estimated Cost. : Rs.5.04 to 46.22 lakhs.
4. Period of Completion. : 01 (One) & 02(Two) Calendar Month.
5. Class of contractors. : 'B', C' & 'D' Class only.

**Other details as follows:**

a) Procurement officer. : Superintending Engineer, Rural Works Division,Cuttack.
b) Availability of tender online for bidding : From dt.25.06.2026 at 11.00 A.M. to dt.04.07.2026 up to 5.00 P.M.
c) Last date & time of seeking of tender clarification. : dt.03.07.2026 up to 5.00 P.M..
d) Date & Time of Opening Technical Bid : dt.06.07.2026 at 11.00 A.M.

Further details can be seen from the Govt. website www.tenderodisha.gov.in

Superintending Engineer
OIPR-25001/25053/1/26-27/0006 Rural Works Division, Cuttack



GOVERNMENT OF ODISHA ID: ee.randbjyp@gmail.com
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice 34001/376/2627
Bid Identification No. S.E (R&B)-06/2026-27/JYP(K)
No. 3833 Date. 18.06.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 1 No.
3. Estimated Cost : Rs. 56.17 lakhs
4. Period of completion : 6. (Six) Months:
5. Date & Time of Bidding : From 11.00 hours of **25.06.2026** Up-to 17.00 hours of **09.07.2026**
6. Last date & time for receipt of bids in portal : 17.00 hours of **09.07.2026.**
7. Bids received online shall be opened on : 11.00 hours of 10.07.2026.
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Sd/- Superintending Engineer
OIPR-34001/34027/1/26-27/0006 Jeypore (R&B) Division



Government of Odisha E-Mail: eerwdivisiondhenkanal@yahoo.co.in
Office of the Superintending Engineer,
Rural Works Division, Dhenkanal. 25001/486/2627
e-procurement Notice No. 04/Road Works/2026-27

1. Name of the work : Road Works
2. Total No. of Works : 10 Nos
3. Estimated Cost : Rs. 7.62 to 29.66 lakh (approx.)
4. Class Contractor : "D" "C" & "B" Class
5. Period of Completion : 2 (two) Calender Month
6. EMD Required : As mentioned in the Annexure at Column-04
7. online for bidding : 25.06.2026 at 11.30 AM to 10.07.2026 up to 2.00 P.M.
8. Last Date & Time of seeking tender clarification : 09.07.2026 upto 4.00 PM
9. Date & Time of opening of tender : 13.07.2026 at 10.00 AM

Other Details can be seen from the website http://tendersorissa.gov.in.

Sd/- Superintending Engineer
OIPR-25001/25101/1/26-27/0004 R.W. Division, Dhenkanal







ଭୁବନେଶ୍ୱର : ପିତୃଦିବସ ଅବସରରେ ପରିଚୟ ଫାଉଣ୍ଡେସନ ପକ୍ଷରୁ ପରମ୍ପରା ମହୋତ୍ସବର ୧୧ତମ ପୁରସ୍କାର ସମାରୋହରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଡଃ ପ୍ରଦୀପ ଦେହୁରିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟଅତିଥି ପଦ୍ମଶ୍ରୀ ପ୍ରତିଭା ପ୍ରହଲ୍ଲାଦ, ଅନୁଷ୍ଠାନର ପ୍ରତିଷ୍ଠାତା ରୋଜାଲିନ ପାଟଶାଣୀ ମିଶ୍ର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ସୁରକ୍ଷା ପ୍ରତି ସତର୍କତା: ରେଳଧାରଣା ମେଣ୍ଟେନର ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଅସାଧାରଣ ସତର୍କତା ଏବଂ ନିଷ୍ଠା ପ୍ରଦର୍ଶନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର ଡିଭିଜନ ଅନ୍ତର୍ଗତ ତୁରେକେଲା ରୋଡର ଟ୍ରାକ୍ ମେଣ୍ଟେନର-୪ ରାମଦେବ ମଣ୍ଡଳଙ୍କୁ 'ସୁରକ୍ଷା ପୁରସ୍କାର' ରେ ସମ୍ମାନିତ କରାଯାଇଛି।

ଚଳିତ ବର୍ଷ ମଇ ୨୫ ଗ୍ରୀଷ୍ମକାଳୀନ ପାଟ୍ରୋଲିଂ କାର୍ଯ୍ୟ କରୁଥିବା ସମୟରେ, ଶ୍ରୀମଣ୍ଡଳ ତୁରେକେଲା ରୋଡ୍ ୟାର୍ଡର ଡାଉନ୍ ଲାଇନରେ କିଲୋମିଟର ୧୫୪/୩୦-୩୨ ଠାରେ ଏସଇଜେ ଟଙ୍ଗ୍ ରେଳରେ ଏକ ଫାଟ ଥିବା ଚିହ୍ନଟ କରିଥିଲେ। ସେ ସଙ୍ଗେ ସଙ୍ଗେ ଆବଶ୍ୟକୀୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରି ଟ୍ରେନ୍ ନମ୍ବର ୫୮୫୨୮ ବିଶାଖାପାଟଣା-ରାୟପୁର ପାସେଞ୍ଜରକୁ ଅଟକାଇଥିଲେ। ଠିକ୍ ସମୟରେ ନିଜ ସୁପରଭାଇଜରଙ୍କୁ ସୂଚନା ଦେଇଥିଲେ। ଏହାଦ୍ୱାରା ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥିଲା।



## ଜିନ୍ଦଲ ଷ୍ଟିଲ ପକ୍ଷରୁ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ଜିନ୍ଦଲ ନଗରରେ ବିଶାଳ ଯୋଗ ଶିବିର ଆୟୋଜିତ

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲର ଅନୁଗୋଳ କାରଖାନାରେ ଉତ୍ସାହ ଓ ଉଦ୍ଦୀପନାର ସହିତ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ଥିମ୍‌କୁ ଆଧାର କରି ଆୟୋଜିତ ଏହି ବିଶାଳ ଯୋଗ ଅଧିବେଶନରେ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସଂଯୁକ୍ତ ଅନୁଗୋଳ ମୁଖ୍ୟ ପି.କେ. ବିଜୁ ନାୟର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ହୃଦୟେଶ୍ୱର ଝା, ଏଚ୍‌ଆର୍ ମୁଖ୍ୟ ସୁଭାଷ ଚନ୍ଦ୍ର ଏବଂ ବିଶେଷ ଅତିଥି ଭାବେ ସମ୍ବଲପୁର ଯୋଗ ବିଦ୍ୟାପୀଠର ଶ୍ରୀମତୀ ସୁଶୀଳା ପ୍ରହ୍ଲାଦ ଫରମାନିଆ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟମାନଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସମୁଦାୟ ପ୍ରତିନିଧିମାନେ ମଧ୍ୟ ଏହି ଅବସରରେ ଯୋଗଦେଇଥିଲେ। ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଏହି ଯୋଗ ଅଧିବେଶନ ପରିଚାଳିତ ହୋଇଥିଲା। ସ୍ୱାମୀଜୀ ଅଂଶଗ୍ରହଣକାରୀମାନଙ୍କୁ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା ଏବଂ ଜୀବନର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବା ପାଇଁ ଯୋଗ ଆସନ, ଶ୍ୱାସକ୍ରିୟା କୌଶଳ ଏବଂ ଧ୍ୟାନ ଅଭ୍ୟାସ ଦିଗରେ ମାର୍ଗଦର୍ଶନ କରିଥିଲେ। ଜିନ୍ଦଲ ଷ୍ଟିଲ୍ ଦୀର୍ଘଦିନ ଧରି ନିଜ କର୍ମଚାରୀ କଲ୍ୟାଣ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଯୋଗକୁ ପ୍ରୋତ୍ସାହିତ କରିଆସୁଛି। ସଂସ୍ଥାର ବିଭିନ୍ନ କାର୍ଯ୍ୟସ୍ଥଳରେ ନିୟମିତ ଯୋଗ ଶିବିର ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀ ଅବଲମ୍ବନ ପାଇଁ ଉତ୍ସାହିତ କରାଯାଉଛି। ଅଂଶଗ୍ରହଣକାରୀମାନେ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ଯୋଗ ଅଭ୍ୟାସର ପ୍ରସାର ଓ ସଂଗଠନ ମଧ୍ୟରେ ନିୟମିତ ଯୋଗ ପ୍ରଶିକ୍ଷଣ ସୁବିଧା ଏବଂ ଉତ୍ସର୍ଗୀକୃତ ଯୋଗ ପ୍ରଶିକ୍ଷକଙ୍କ ବ୍ୟବସ୍ଥା କରାଇଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ପଦକ୍ଷେପ କିପରି ସେମାନଙ୍କ ଏବଂ ସେମାନଙ୍କ ପରିବାରର ଜୀବନଶୈଳୀକୁ ଅଧିକ ସୁସ୍ଥ କରିପାରିଛି, ସେ ବିଷୟରେ ନିଜ ନିଜ ଅନୁଭୂତି ପ୍ରକାଶ କରିଥିଲେ । ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ନିୟମିତ ଭାବେ ଯୋଗ ଅଭ୍ୟାସ କରିବା ଏବଂ ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଗ୍ରହଣ ପାଇଁ ଶପଥ ପାଠ କରାଯାଇଥିଲେ । ଏହା ସହିତ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଓ.ପି. ଜିନ୍ଦଲ ସ୍କୁଲ, ଶ୍ରମବୀର ପ୍ୟାଲେସ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମାନ ଭାବେ ଯୋଗ ଦିବସ ପାଳନ ଓ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା। ଜିନ୍ଦଲ୍ ଷ୍ଟିଲ ନିଜର କର୍ମଚାରୀ ଏବଂ ସେବା ଯୋଗାଇ ଆସୁଥିବା ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଦିଗରେ ଉତ୍ସର୍ଗୀକୃତ, ଏହା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପ୍ରତିଫଳିତ ହୋଇଥିଲା।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୟୁଏଇ କିଣିବ ...

୪ ବିଲିୟନ ଡଲାର ଅର୍ଥାତ ୩୭,୮୬୮ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ୨୦୧୩-୧୪ ରେ ମାତ୍ର ୬୮ କୋଟି ଟଙ୍କା ଥିଲା। ଗତ ବର୍ଷ ମେ' ମାସରେ ପାକିସ୍ତାନ ବିପକ୍ଷରେ ହୋଇଥିବା 'ଅପରେସନ ସିନ୍ଦୂର'ରେ ପ୍ରଥମ ଥର ପାଇଁ ବ୍ରହ୍ମୋସ ମିସାଇଲର ସଫଳ ଯୁଦ୍ଧକାଳୀନ ବ୍ୟବହାର ଦେଖି ବିଶ୍ୱ ବଜାରରେ ଏହାର ଡିମାଣ୍ଡ ଆହୁରି ବଢ଼ିଛି। ଫିଲିପାଇନ୍ସ ପରେ ଏବେ ଭିଏତନାମ ଏବଂ ଇଣ୍ଡୋନେସିଆ ସହ ମଧ୍ୟ ବ୍ରହ୍ମୋସ ବିକ୍ରି ପାଇଁ ଚୁକ୍ତି ହୋଇଛି। ଏଥିସହ ଥାଇଲ୍ୟାଣ୍ଡ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶ ମଧ୍ୟ ଏଥିପାଇଁ ଆଗ୍ରହୀ ଅଛନ୍ତି।

ରଣନୈତିକ ବିଶେଷଜ୍ଞଙ୍କ ମତରେ, ଭାରତ ଏବଂ ୟୁଏଇ ମଧ୍ୟରେ ବାଣିଜ୍ୟ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସାଉଦି ଆରବ ଏବଂ ପାକିସ୍ତାନର ବଢୁଥିବା ସମୀକରଣ ମଧ୍ୟରେ ଆବୁଧାବି ଓ ନୂଆଦିଲ୍ଲୀର ଏହି ପ୍ରତିରକ୍ଷା ବୁଝାମଣା ଏକ ବଡ଼ ରଣନୈତିକ ସଂକେତ । ଭାରତ ଓ ରୁଷିଆର ମିଳିତ ସହଯୋଗରେ ନିର୍ମିତ ୨୯୦ କିଲୋମିଟରର ରେଞ୍ଜ ବିଶିଷ୍ଟ ଏହି ବ୍ରହ୍ମୋସ ମିସାଇଲ ଡିଲ୍ ପାଇଁ ରୁଷିଆର ମଞ୍ଜୁରୀ ମଧ୍ୟ ସହଜରେ ମିଳିଯିବ ବୋଲି ଆଶା କରାଯାଉଛି।

## ସକ୍ରିୟ ହେଲା ...

ଦିନ ଧରି ମେଘ କେବଳ ବଙ୍ଗୋପସାଗର, ପୂର୍ବ ଭାରତ ଏବଂ ହିମାଳୟ ଅଞ୍ଚଳରେ ସୀମିତ ଥିଲା। ସେଥିପାଇଁ କେନ୍ଦ୍ରୀୟ ଓ ପଶ୍ଚିମ ଭାରତରେ ମେଘ ସୃଷ୍ଟି ହୋଇପାରିନଥିଲା। କିନ୍ତୁ ଏବେ ସ୍ଥିତି ବଦଳୁଛି। ଆରବ ସାଗର ଶାଖା ପୁଣି ଶକ୍ତିଶାଳୀ ହେଉଥିବାରୁ ଆସନ୍ତା ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟ ଭାରତର ଅନେକ ସ୍ଥାନରେ ବର୍ଷାର ପରିମାଣ ଧୀରେ ଧୀରେ ବୃଦ୍ଧି ପାଇବ।

## ଆଇନଜୀବୀଙ୍କ...

କ୍ଷେତ୍ରରେ ଏହି ସହାୟତା ମିଳିବ। ୩୦ ବର୍ଷ କାର୍ଯ୍ୟରତ ଥିଲେ, ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬,୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ସର୍ବାଧିକ ସହାୟତା ପରିମାଣ।

## ବଜ୍ରପାତରେ ...

ବର୍ଷାର ସାମ୍ନା କରିଥିଲେ। ଭାଟସିଂ ନିକଟରେ ସେମାନଙ୍କ ବାଇକ୍ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ଡୋଲାମଣୀ ଓ ବୁବୁନ୍ ବସିଥିବା ବାଇକ୍‌ଟି ଜଳିଯାଇଥିଲା ଏବଂ ଦୁଇଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଅନ୍ୟ ଏକ ଘଟଣାକ୍ରମେ, ପତ୍ରାପାଲି ସାହିର ରାଜା ଓ ତାଙ୍କ ସ୍ତ୍ରୀ ବର୍ଷା କାଣ୍ଡୁଲାନା ଘରେ ଥିବା ବେଳେ ବଜ୍ରପାତ ଯୋଗୁଁ ରାଜାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ବର୍ଷା ଗୁରୁତର ଆହତ ହୋଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଷାଙ୍କ ଚିକିତ୍ସା ଜାରି ରହିଛି।

## ରାଜ୍ୟସଭା ନିର୍ବାଚନ...

ବାଚସ୍ପତି ଶ୍ରୀମତୀ ପାଢ଼ୀ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଏହି ଆବେଦନଗୁଡ଼ିକ ଅସ୍ପଷ୍ଟ,ଭ୍ରାମାତ୍ମକ ଓ ପ୍ରମାଣବିହୀନ ହୋଇଥିବାରୁ ଏହା ଦଳବଦଳ ବିରୋଧୀ ଆଇନର ନିୟମ ୭(୨) ର ପରିସରଭୁକ୍ତ ହେଉଛି। ଏହି ନିୟମ ୭(୨)ର ପ୍ରାବଧାନ ଓ ପ୍ରଦତ୍ତ କ୍ଷମତା ଅନୁସାରେ ଯଦି କୌଣସି ଆବେଦନ ନିୟମ-୬ର ଆଇନଗତ ପ୍ରକ୍ରିୟା ପୂରଣ କରିନଥାଏ, ତେବେ ଉକ୍ତ ମାମଲାର ଭିତରକୁ ନଯାଇ ତାକୁ ପ୍ରାରମ୍ଭିକସ୍ତରରୁ ହିଁ ବାଚସ୍ପତି ଚାହିଁଲେ ସିଧାସଳଖ ଖାରଜ କରିପାରିବେ।

ଜଣେ ଜନପ୍ରତିନିଧିଙ୍କ ସଭ୍ୟପଦ ରଦ୍ଦ ଭଳି ଏକ ସମ୍ବେଦନଶୀଳ ମାମଲାରେ କୌଣସି ପ୍ରକାର ବେପରୁଆ ମନୋଭାବକୁ ପ୍ରଶ୍ରୟ ଦିଆଯାଇପାରିବ ନାହିଁ, ସେଥିପାଇଁ ମାମଲାର ଗୁଣବତ୍ତା ଉପରେ କୌଣସି ମତ ନଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହାକୁ ନିୟମ ୭(୨) ଆଧାରରେ ପ୍ରାରମ୍ଭିକସ୍ତରରୁ ହିଁ ସିଧାସଳଖ ଖାରଜ କରି ଦେଇଛନ୍ତି।

ସମାନ କାରଣ ଦର୍ଶାଇ କଂଗ୍ରେସର ଆବେଦନକୁ ମଧ୍ୟ ବାଚସ୍ପତି ଖାରଜ କରିଥିବା ଜଣାପଡ଼ିଛି । କଂଗ୍ରେସର ୩ଜଣ ବିଧାୟକ ମଧ୍ୟ କ୍ରସଭୋଟିଂ କରିଥିଲେ।

## ସହାୟତା ଘୋଷଣା...

ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

## ରେଭେନ୍ସା...

ଅପେକ୍ଷା କରିବେ। ପ୍ରଥମ ପସନ୍ଦର ଅନୁଷ୍ଠାନରେ ଆସନ ପାଇଥିଲେ ମଧ୍ୟ ନାମ ଲେଖାଇବାକୁ ଇଚ୍ଛୁକ ନଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ପ୍ରଚଳିତ 'ଅଲ୍ଟର' ବିକଳ୍ପ ମାଧ୍ୟମରେ ଓଟିପି ଭିତ୍ତିକ ଯାଞ୍ଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କୋଚିଂ ସେଣ୍ଟରରେ...

ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନେକ ଛାତ୍ରଛାତ୍ରୀ କୋଠା ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ତଦନ୍ତରୁ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଲକ୍ଷ୍ନୌରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଆହତଙ୍କ ଚିକିତ୍ସା ଏବଂ ପୀଡିତ ପରିବାରଙ୍କୁ ସମସ୍ତ ସହାୟତା ଯୋଗାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ଘଟଣା ପରେ ସମଗ୍ର ଦେଶରେ କୋଚିଂ ସେଣ୍ଟର ଏବଂ ଶିକ୍ଷାନୁଷ୍ଠାନର ଫାୟାର ସେଫ୍ଟିକୁ ନେଇ ପୁଣି ଉଠିଛି ବଡ ପ୍ରଶ୍ନ। କୋଚିଂ ସେଣ୍ଟରରେ ନିଆଁ କେମିତି ଲାଗିଲା ? ଅବହେଳା କାହାର ଥିଲା ? ବିଲ୍ଡିଂରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ , ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ଶୋକ...

ସହିତ ମୋର ସମବେଦନା। ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ଅଧିକାରୀମାନେ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି।

## ବିପର୍ଯ୍ୟୟ ପରିଚାଳନାରେ...

ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି।

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା 'ମୋନ୍ଥା' ଏବଂ ପୂର୍ବର 'ଦାନା' ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା। 'ମୋନ୍ଥା' ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ୍ , ୫ଟି ଏନଡିଆରଏଫ୍ ଏବଂ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଚାଷୀ ଭାଇମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ। ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ ମାଧ୍ୟମରେ ଏସ୍‌ଏମ୍‌ଏସ୍ ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ୨୦ଟି ଓଡ୍ରାଫ୍ ଟିମ୍ ଏବଂ ୩୪୭ଟି ଅଗ୍ନିଶମ କେନ୍ଦ୍ର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ଥିବାବେଳେ, ରାଜ୍ୟରେ ଆଉ ୧୦ଟି ନୂତନ ଓଡ୍ରାଫ୍ ବାହିନୀ ଗଠନ ପ୍ରକ୍ରିୟା ଜାରି ରହିଛି।

ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ସରକାର ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଏକାନ୍ତ ଆବଶ୍ୟକ ଏବଂ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଦର୍ଶାଇଥିଲେ ଯେ ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ 'ଜିରୋ କାଜୁଆଲ୍‌ଟି' ବା ଶୂନ୍ୟ ମୃତ୍ୟୁହାର ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକୀୟ ଆର୍ଥିକ ଅନୁଦାନ ଓ ଭିତ୍ତିଭୂମିର ସମୀକ୍ଷା କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିର ସଠିକ୍ ବିନିଯୋଗ ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ ବିଗତ ବନ୍ୟା ଓ ବାତ୍ୟା ସମୟରେ ଉତ୍ତର ଓଡ଼ିଶା ଏବଂ ଆକସ୍ମିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ କୋଟି କୋଟି ଟଙ୍କାର ତୁରନ୍ତ ରିଲିଫ୍ ଓ ସାଧାରଣ ସମ୍ପତ୍ତିର ସାମୟିକ ମରାମତି ସହାୟତା ଯୋଗାଇ ଦିଆଯାଇଛି ବୋଲି କହିଥିଲେ ।

ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ବିଧାୟକବୃନ୍ଦ ଏବଂ ସାଂସଦଗଣ ନିଜ ନିଜ ନିର୍ବାଚନ ମଣ୍ଡଳୀର ବାସ୍ତବ କ୍ଷେତ୍ରସ୍ତରୀୟ ସ୍ଥିତିକୁ ଆଧାର କରି ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜନପ୍ରତିନିଧିମାନଙ୍କ ସମସ୍ତ ମୂଲ୍ୟବାନ ପରାମର୍ଶକୁ ସ୍ୱାଗତ କରିବା ସହ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଏହାକୁ ଉପଯୁକ୍ତ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି - ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି। ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମୃତକମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ସମସ୍ତ ମୃତକ ତେଲକୋଇ ବ୍ଲକ୍ ତାଳପଦା ରଙ୍ଗାମାଟିଆ ଗାଁର । ରବିବାର ତାମିଲନାଡୁର ତିରିଭଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁଁ ଓଡ଼ିଆ ଶ୍ରମିକ ମୃତାହତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ ଟିମ୍ ତାମିଲନାଡୁରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ଘୋଷଣା କରିଛନ୍ତି।



# ପୋଲିସ୍ ଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ ମନ୍ତ୍ରୀ ବିଭୂତି ଜେନା : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ଶନିବାର ଦିନ ଗୋଳନ୍ଥରାରେ ଏକ ଘରୋଇ କଲେଜରେ ଜଣେ ନିରୀହ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମ୍ପୃକ୍ତି ଅଛି ବୋଲି ମୃତ ଛାତ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ । ଏହି ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ୍ ଅଭିଯୁକ୍ତଙ୍କ ନିକଟରେ ନ ପହଞ୍ଚିବା ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଥିଲା । ବିଜେଡିର ସାମ୍ବାଦିକ ସମ୍ମିଳନୀ ପରେ ପୋଲିସ୍ ଗତକାଲି ରାତିରେ ଅଭିଯୁକ୍ତ ବିଶ୍ୱଜିତ ଜେନାକୁ ଗିରଫ କରିଥିଲା। ଏହି ଘଟଣାରେ ଉକ୍ଷୀପ୍ତ ହୋଇ ମନ୍ତ୍ରୀ ଶ୍ରୀ ବିଭୂତି ଜେନାଙ୍କ ମନ୍ତବ୍ୟକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଶ୍ରୀମତୀ ରଞ୍ଜିତା ସାହୁ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡ଼ି ଥିବାବେଳେ ମନ୍ତ୍ରୀଙ୍କ ପୁତୁରା ବିଶ୍ୱଜିତ ଜେନାଙ୍କ ଯୋଗୁଁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯିବା ଦୁର୍ଭାଗ୍ୟଜନକ । ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ୍ ଅଭିଯୁକ୍ତ ନିକଟରେ ନ ପହଞ୍ଚିବା ଯୋଗୁଁ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାର କିଛି ଘଣ୍ଟା ପରେ ଅଭିଯୁକ୍ତକୁ ପୋଲିସ୍ ଗିରଫ କରିଥିଲା। ସୋମବାର ମନ୍ତ୍ରୀ ବିଭୂତି ଜେନା ବିଜେଡିର ସାମ୍ବାଦିକ ସମ୍ମିଳନୀକୁ ନେଇ ପ୍ରଶ୍ନ ଉଠାଇବା ସହ ଅତ୍ୟନ୍ତ ଉକ୍ଷୀପ୍ତ ହୋଇ ନିଜ ପଦର ଗାରିମା ଭୁଲି କରିଥିବା ଟିପ୍ପଣୀ ଆଦୌ ଗ୍ରହଣୀୟ ନୁହେଁ ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ବାଲି, ମୋରମ, ଗୋଡ଼ି ବ୍ୟାପକ ଭାବେ ଚୋରାଚାଲାଣ ହେଉଥିବାର ଅଭିଯୋଗ ଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଭାବେ ବିଭୂତି ବାବୁ ତାହାକୁ ନିୟନ୍ତ୍ରଣ କରିପାରୁ ନାହାନ୍ତି । ଗୋଚର ଜମି ମାଡ଼ି ବସିବା ଭଳି ଅଭିଯୋଗ ତାଙ୍କ ନାମରେ ଅଛି । ଶ୍ରୀ ଜେନା ପ୍ରଥମଥର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ହେବା ପରଠାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ଚରମ ଅଧୋଗତି ଘଟିଛି । ନିଜ ବିଭାଗ ଦାୟିତ୍ୱ ସମ୍ଭାଳି ପାରୁନଥିବା ବିଭୂତି ବାବୁ ଅନ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସମୀଚୀନ ନୁହେଁ। ସୋମବାର ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ, ବ୍ରହ୍ମପୁର ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ତାଙ୍କ ନିୟନ୍ତ୍ରଣରେ ରହିଛି । ବିରୋଧୀଙ୍କ ଉପରେ ମିଥ୍ୟା ଆରୋପ କରିବା ପରିବର୍ତ୍ତେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରନ୍ତୁ ।

ଶ୍ରୀମତୀ ରଞ୍ଜିତା ସାହୁ କହିଥିଲେ ଯେ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମିନା ଗାଁରେ ଜଣେ ବିବାହିତ ମହିଳାଙ୍କ ସହିତ ହୋଇଥିବା ଦୁଷ୍କର୍ମ ଦୁର୍ଭାଗ୍ୟଜନକ । ଗଞ୍ଜାମ ଜିଲ୍ଲାରେ ଗତ ୨ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି । ସରକାର ଘଟଣା ଘଟିଲା ପରେ ଅପରାଧୀଙ୍କୁ ଧରିବାର ବାହାବା ନେଉଛନ୍ତି, କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଯାହାଫଳରେ ଅପରାଧୀମାନେ ଦିନ ଦ୍ୱିପହରରେ ଅପରାଧ ଘଟାଇ ଚାଲିଛନ୍ତି । ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଯଦି ସରକାର ନିୟନ୍ତ୍ରଣ କରି ନ ପାରନ୍ତି, ତେବେ ମହିଳାଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ରାଜରାସ୍ତାରେ ଲଢ଼େଇ ଜାରି ରଖିବ ।

# ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ବାଳିକାମାନଙ୍କ ପାଇଁ ୧୦ ଦିନିଆ ବିଶେଷ କ୍ରୀଡ଼ା ଶିବିର ଆୟୋଜିତ



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ନିଜର ପ୍ରମୁଖ ପ୍ରକଳ୍ପ 'ଲକ୍ଷ୍ୟ' ଅଧୀନରେ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଆଦିତ୍ୟ ଉଦୟ ସ୍ପୋର୍ଟ୍ସ କ୍ଲବ୍‌ରେ ନାମଲେଖାଇଥିବା ୫୫ ଜଣ ବାଳିକାଙ୍କ ପାଇଁ ୧୦ ଦିନିଆ କ୍ରୀଡ଼ା ଶିବିରର ଶୁଭାରମ୍ଭ କରିଛି। "ଶିଖ, ଖେଳ, ବିକଶିତ ହୁଅ ଏବଂ ନେତୃତ୍ୱ ନିଅ" ବିଷୟକୁ ନେଇ ଏହି ଶିବିର ଆୟୋଜିତ ହେଉଛି। ଆଜି ଲୁଧାପାଲି ଆରଆର୍ କଲୋନୀ ଫୁଟବଲ୍ ପଡିଆରେ ଏହି ଶିବିରର ଶୁଭାରମ୍ଭ ହୋଇଥିବାବେଳେ, ଏହା ୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଚାଲିବ। ୨୫ ଜୁନ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୪.୩୦ରୁ ୬.୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶ୍ରେଣୀ ଆୟୋଜିତ ହେବ। ୨୬ ଜୁନରୁ ୧ ଜୁଲାଇ ପର୍ଯ୍ୟନ୍ତ ସକାଳ ୬.୦୦ରୁ ୮.୦୦ ପର୍ଯ୍ୟନ୍ତ ଏହି ସେସନ୍ ଅନୁଷ୍ଠିତ ହେବ । ଉଦ୍ଘାଟନୀ ଅଧିବେଶନରେ ସମ୍ବଲପୁର ଜିଲ୍ଲା ଫୁଟବଲ୍ କୋଚ୍ ଶ୍ରୀ ଅଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଫୁଟବଲ୍‌ର ବିଭିନ୍ନ କୌଶଳ, ପ୍ରଶିକ୍ଷଣ ପଦ୍ଧତି ଏବଂ ବ୍ୟବହାରିକ ଅନୁଭବ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ଦେଇ ଖେଳ କୌଶଳ ଓ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ପ୍ରେରିତ କରିଥିଲେ। ଆସନ୍ତା ୯ଦିନ ଧରି ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାବିତ୍‌ମାନେ ଶିବିରରେ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିବେ ଏବଂ ବାଳିକାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ ପାଇଁ ପ୍ରେରଣା ଦେବେ। ଏହା ସହିତ, ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଷୟରେ ବିଶେଷ ଅଧିବେଶନମାନ ଆୟୋଜିତ ହେବ, ଯେଉଁଥିରେ ଶାରୀରିକ ସୁସ୍ଥତା, ପୁଷ୍ଟିକ ଖାଦ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ।

ଏହି ଶିବିରର ଉଦ୍ଦେଶ୍ୟ ହେଉଛି ଯୁବତୀମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ନେତୃତ୍ୱ ଗୁଣର ବିକାଶ କରିବା। ସୁସଂଗଠିତ ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ସର୍ବାଙ୍ଗୀଣ ବିକାଶ ମାଧ୍ୟମରେ ଏହି ଲକ୍ଷ୍ୟ ପୂରଣ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ୍ ଗ୍ରାମୀଣ ଯୁବପିଢ଼ୀଙ୍କୁ ସଶକ୍ତ କରିବା, କ୍ରୀଡ଼ା କ୍ଷେତ୍ରରେ ଲିଙ୍ଗଗତ ସମାବେଶକୁ ପ୍ରୋତ୍ସାହନ ଦେବା ଏବଂ ଅଞ୍ଚଳରେ କ୍ରୀଡ଼ା ଉତ୍କର୍ଷତାର ସଂସ୍କୃତି ଗଢ଼ି ତୋଳିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି। ଆଦିତ୍ୟ ଆଲୁମିନିୟମର ସିଏସଆର୍ ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ଉପସ୍ଥିତ ରହି ବାଳିକାମାନଙ୍କୁ ଉତ୍ସାହ ଜଣାଇଥିଲେ। ଆଦିତ୍ୟ ଆଲୁମିନିୟମ ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ।

**ସଂଖ୍ୟା: 46/2/2026-ପ୍ରଶାସନ-୧**
**ଭାରତ ସରକାର**
**ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ**
**ଅଟଳ ଅକ୍ଷୟ ଉର୍ଜା ଭବନ, କେନ୍ଦ୍ରୀୟ କାର୍ଯ୍ୟାଳୟ କମ୍ପ୍ଲେକ୍ସ ବିପରୀତ**
**ଲୋଧି ରୋଡ୍, ନୂଆଦିଲ୍ଲୀ-110003**

ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟରେ ବୈଜ୍ଞାନିକ 'ଡି' (୦୩ ପଦବୀ) ଏବଂ ବୈଜ୍ଞାନିକ 'ସି' (୦୩ ପଦବୀ) ପଦବୀ ପୂରଣ ପାଇଁ ସପ୍ତମ ବେତନ କମିଶନ ଦରମା ସ୍ତର ୧୨ ପାଇଁ ଯଥାକ୍ରମେ (ଟଙ୍କା ୭୮,୮୦୦ – ୨,୦୯,୨୦୦/-) ଏବଂ ସ୍ତର ୧୧ ପାଇଁ (ଟଙ୍କା ୬୭,୭୦୦- ୨,୦୮,୭୦୦/-), ଡେପୁଟେସନ୍ / ସ୍ୱଳ୍ପକାଳୀନ ଚୁକ୍ତିନାମା ଆଧାରରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଖାଲି ପଦ ସର୍କୁଲାରର ସମ୍ପୂର୍ଣ୍ଣ ବିବରଣୀ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୱେବସାଇଟ୍ www.mnre.gov.inରେ ଉପଲବ୍ଧ।
ଉପରୋକ୍ତ ଠିକଣାରେ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ ଗ୍ରହଣ କରିବାର ଶେଷ ତାରିଖ ଏମ୍ପ୍ଲୟମେଣ୍ଟ ନ୍ୟୁଜରେ ଏହି ବିଜ୍ଞାପନ ପ୍ରକାଶନ ତାରିଖରୁ ୩୦ ଦିନ।

(ରଜତ ଯାଦବ)
cbc28101/11/0001/ 2627 ଭାରତ ସରକାରଙ୍କ ଉପସଚିବ

ଭୁବନେଶ୍ୱର, ୨୩ ଜୁନ୍, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିର ସମ୍ମୁଖରେ ଅଭାବନୀୟ ଦୃଶ୍ୟ : ଉଠା ଦୋକାନୀ ଓ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ହାତାହାତି

ପୁରୀ ୨୨।୬ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ସମ୍ମୁଖରେ ଅଭାବନୀୟ ଦୃଶ୍ୟ । ଉଠା ଦୋକାନୀ ଓ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମଧ୍ୟରେ ହାତାହାତି ପରିସ୍ଥିତି ।ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ହାତାହାତି ଯୋଗୁଁ ବଡ଼ଦାଣ୍ଡରେ ପଡ଼ିଛି ଶଙ୍ଖା, ଚୁଡ଼ି ସହ କାଳିଆ ଠାକୁରଙ୍କ ଫଟୋ। ଉଠା ଦୋକାନୀମାନେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ନିକଟରେ ବ୍ୟବସାୟ କରିଥାନ୍ତି। ତେବେ ମ୍ୟୁନିସିପାଲିଟି କର୍ପୋରେସନର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଉଠା ଦୋକାନୀଙ୍କୁ ବାରଣ କରାଯାଉଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରୁ ନାହାନ୍ତି। ସେଥିପାଇଁ ଉଠା ଦୋକାନୀ ଶ୍ରୀମନ୍ଦିର ନିକଟରେ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚି ତାଙ୍କୁ ଉଠିବା ପାଇଁ କହିଥିଲେ । ପରେ ଉଠା ଦୋକାନୀଙ୍କ ପସରା ନେବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଉଦ୍ୟମ କରୁଥିବା



ବେଳେ ସେହି ସମୟରେ ହାତାହାତି ଓ କଥା କଟାକଟି ସ୍ଥିତି ଉପୁଜିଥିଲା । ପୁରୀ ମହାନଗର ନିଗମ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବଡ଼ଦାଣ୍ଡରେ ଆତଙ୍କ ଖେଳାଇ ଦେଇଥିଲେ। ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ଗାଳିଗୁଲଜ କରି ତଡ଼ିବା ସହ ସେମାନଙ୍କ ଜିନିଷ ଗାଡ଼ିରେ ଲଦି ନେଇଯାଇଥିଲେ । ସ୍କ୍ୱାଡ୍ ଗାଡ଼ି ଡାଲାରେ ଭର୍ତ୍ତି ହୋଇଥିଲା ଖଜା, ଦହିବରା ହାଣ୍ଡି, ଜଗନ୍ନାଥଙ୍କ ଫଟୋ ଓ ଶଙ୍ଖ ମାଳି ଆଦି ସାମଗ୍ରୀ, ଶ୍ରୀମନ୍ଦିର ସମ୍ମୁଖରେ ଦୋକାନୀଙ୍କ ଡାଲା ସହ ଶଙ୍ଖା ଓ କାଚ ଆଦି ବଡ଼ଦାଣ୍ଡରେ କଚାଡ଼ି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଶ୍ରୀମନ୍ଦିର ନିକଟରୁ ମାର୍କେଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ସରକାରୀ କର୍ମଚାରୀଙ୍କ ଏଭଳି ଆତଙ୍କ ଯୋଗୁଁ ଶତାଧିକ ଉଠାଦୋକାନୀଙ୍କ ଭିତରେ କୋକୁଆ ଭୟ ଖେଳିଯାଇଥିଲା । ହାତଗୋଡ଼ ଧରି ଏସବୁରୁ ନିବୃତ୍ତ ହେବାକୁ ଦୋକାନୀ ନେହୁରା ହେଉଥିଲେ। ଜିନିଷ ଫେରାଇବାକୁ ଗାଡ଼ି ପଛରେ ଗୋଡ଼ାଇଥିଲେ। ଶ୍ରୀମନ୍ଦିର ସମ୍ମୁଖରେ କର୍ମଚାରୀ ଓ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଉଠାଦୋକାନୀ ବିକୁଥିବା ମହାପ୍ରଭୁଙ୍କ ଫଟୋ ଓ କାଚ ଶଙ୍ଖା ଆଦି ବଡ଼ଦାଣ୍ଡରେ ଫିଙ୍ଗିଦେବାରୁ ଉଭୟଙ୍କ ମଧ୍ୟରେ ଉଚବାଚ ସହ ହାତାହାତି ସ୍ଥିତି ଉପୁଜିଥିଲା । ଏନଫୋର୍ସମେଣ୍ଟ ସ୍କ୍ୱାଡ୍ କହିଛନ୍ତି, ଡାକବାଜି ଦ୍ୱାରା ଘୋଷଣା ହୋଇଥିଲା ୨୦ ତାରିଖ ସୁଦ୍ଧା ବଡ଼ଦାଣ୍ଡ ଅବରୋଧ ହଟାଇବାକୁ । ୨୧ ତାରିଖ ସକାଳେ ବାଧ୍ୟ ହେଲୁ ଜବରଦସ୍ତ ଉଠାଇବାକୁ। ସେମାନେ ହିଁ ତାଙ୍କ ଜିନିଷ ଫିଙ୍ଗିଛନ୍ତି। ଏପଟେ ସଂପୃକ୍ତ ଉଠାଦୋକାନୀ କୁହନ୍ତି, ଆକ୍ରୋଶମୂଳକ ଭାବେ ତାଙ୍କର ଜିନିଷ ବାରମ୍ବାର ନେଇଯାଉଛନ୍ତି ସରକାରୀ କର୍ମଚାରୀ। ଏହା ଫଳରେ ପରିବାର ପ୍ରତିପୋଷଣ କରିବାରେ ବାଧାସୃଷ୍ଟି କରାଯାଉଛି ବୋଲି ଉଠାଦୋକାନୀମାନେ ଅଭିଯୋଗ କରିଛନ୍ତି।

# ରଥଖଳା ହାଲଚାଲ : ତିନି ରଥର ଦୁଆର ବେଢ଼ା ନିର୍ମାଣ ଶେଷ

**ପୁରୀ, ୨୨/୦୬ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପାଇଁ ରଥଖଳାରେ ଜୋରଦାର ଚାଲିଛି ପ୍ରସ୍ତୁତି । ତିନି ରଥର ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ, ଦୁଆର ବେଢ଼ା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ।ପଟା ବାଡ଼ିଆଠାରୁ ଆରମ୍ଭ କରି ବେଦୀ ସିଂହାସନ, ପ୍ରଭା, ଘୋଡ଼ା ଓ ସାରଥୀଙ୍କ ସଜା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦ୍ରୁତ ଗତିରେ ଆଗକୁ ବଢୁଛି । ତିନି ରଥରେ ଚାରିଟି ଲେଖାଏଁ ମୋଟ ୧୨ଟି ଦୁଆର ବେଢ଼ା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ସେହିପରି ପ୍ରତ୍ୟେକ ରଥ ପାଇଁ ୧୨ଟି କଣି ଫାଉଡ଼ା ମଧ୍ୟ ପ୍ରସ୍ତୁତ କରାଯାଇଛି । ରଥର ଭୂଇଁର ଛଅ କାଠି କୋଣରେ ଏହି କଣି ଫାଉଡ଼ା ସ୍ଥାପନ କରାଯିବ, ଯାହାଦ୍ୱାରା ରଥରେ କନା ପଡ଼ିବାବେଳେ ଏହାର ଗୋଲାକାର ଆକୃତି ସଠିକ୍ ରହିବ ଏବଂ କନା ଚିରିବାର ଆଶଙ୍କା ରହିବ ନାହିଁ ।

ଏହା ସହ ତିନି ରଥର ବେଦୀ ଚାରିପଟେ ପାରୁସ ପଟା ବାଡ଼ିଆ କାର୍ଯ୍ୟ ମଧ୍ୟ



ପ୍ରାୟ ସମ୍ପୂର୍ଣ୍ଣ ହୋଇଛି । ଦୁଆର ବେଢ଼ା ସ୍ଥାପନ ପରେ ଅବଶିଷ୍ଟ କୋଣଗୁଡ଼ିକରେ ପଟା ପଡ଼ିବା କାମ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଖପୁରୀ ଓ ପାରାଭାଡ଼ି ସହ ବାକି ୧୨ଟି ପୋଟଳ ରଥ ଉପରକୁ ଉଠାଯିବ । ରଥରେ ବଡ଼ କଳସ ସ୍ଥାପନ, ଓଲଟ ଶୁଆ ଦ୍ୱୟଙ୍କ ସଂସ୍ଥାପନ, ବେଦୀ ସିଂହାସନ ପ୍ରସ୍ତୁତି, ପ୍ରଭା ଫ୍ରେମ୍ ନିର୍ମାଣ ଓ ରୂପ ଖୋଦେଇ କାର୍ଯ୍ୟ ମଧ୍ୟ ଜୋରଦାର ଭାବେ ଚାଲିଛି । ଏହା ସହ ଘୋଡ଼ା ଓ ସାରଥୀଙ୍କ ମରାମତି ଓ ରଙ୍ଗ କାମ, କନକ ମୁଣ୍ଡିରେ ପିତଳ ଚଦର ଫିଟିଂ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରଥଯାତ୍ରାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ, ରଥଖଳାରେ ମହାରଣା ଓ ସେବାୟତମାନଙ୍କ ବ୍ୟସ୍ତତା ଚରମରେ ପହଞ୍ଚିଛି । ମହାପ୍ରଭୁଙ୍କ ବିଶ୍ୱବିଖ୍ୟାତ ଘୋଷଯାତ୍ରା ପାଇଁ ପ୍ରତ୍ୟେକ କାର୍ଯ୍ୟ ନିର୍ଦ୍ଧାରିତ ପରମ୍ପରା ଓ ସମୟସୀମା ଅନୁଯାୟୀ ସମ୍ପନ୍ନ କରିବାକୁ ଜୋରଦାର ପ୍ରୟାସ ଜାରି ରହିଛି ।

# ଆମ ସରକାର ସୃଜନଶୀଳତାର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଦୃଢ଼ ବିଶ୍ୱାସ ରଖିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ବିଜେପି ଓଡ଼ିଶା ପକ୍ଷରୁ 'ସୃଜନ ସମ୍ବାଦ: ଡିଜିଟାଲିକ ଏଟର୍ସ ମିଟ୍' ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ସାମିଲ ହୋଇ ରାଜ୍ୟର ଅଗ୍ରଣୀ ସୃଜନଶୀଳ କ୍ରିଏଟର ଏବଂ ଡିଜିଟାଲ୍ ମିଡିଆ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ସୂଚନା ଓ ପ୍ରସାରଣର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ମାଧ୍ୟମ ସାଜିଛି ସୋସିଆଲ ମିଡ଼ିଆ, ଯାହା ଯଶସ୍ୱୀ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀ ଜୀଙ୍କ 'ଚାଏ ପେ ଚର୍ଚ୍ଚା' ସମୟରୁ ହିଁ ନିଜର ବ୍ୟାପକ ପ୍ରଭାବ ପ୍ରମାଣିତ କରିସାରିଛି। ଆମ ସରକାର ସୃଜନଶୀଳତାର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଦୃଢ଼ ବିଶ୍ୱାସ ରଖିଛି । ଏହି ପରିପ୍ରେକ୍ଷୀରେ, ଭ୍ରମାତ୍ମକ କ୍ଲିକ୍‌ବେଟ୍ ଓ ଶସ୍ତା ପ୍ରସିଦ୍ଧିର ମୋହରୁ ଦୂରରେ ରହି ଉନ୍ନତ ମାନର ଉଦ୍ଦେଶ୍ୟଭିତ୍ତିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବାକୁ ମୁଁ ସମସ୍ତ କ୍ରିଏଟରମାନଙ୍କୁ ଆହ୍ୱାନ କରିଛି। ଆମ ସରକାରଙ୍କ ଜନହିତକର ପ୍ରୟାସ ଏବଂ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଅନନ୍ୟ ପରମ୍ପରାକୁ ଡିଜିଟାଲ୍ ମାଧ୍ୟମରେ ବିଶ୍ୱ ଦରବାରରେ ସଠିକ୍ ଭାବେ ଉପସ୍ଥାପନ କରି 'ବିକଶିତ ଭାରତ' ସହ 'ସମୃଦ୍ଧ ଓଡ଼ିଶା' ଗଠନର ସ୍ୱପ୍ନକୁ ସାକାର କରିବାରେ ସମସ୍ତେ ସକାରାତ୍ମକ ସାରଥି ସାଜନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

## ପଦଚାରୀଙ୍କ ଅଧିକାରକୁ ଅଣଦେଖା ମାମଲା

# ଚାଲିବାର ସ୍ୱାଧୀନତା ହେଉଛି ଏକ ମୌଳିକ ଅଧିକାର

**ନୂଆଦିଲ୍ଲୀ, ୨୨/୦୬ ନ୍ୟୁଜ ବ୍ୟୁରୋ**

ରାସ୍ତାରେ ଚାଲିବା ବେଳେ କେତେବେଳେ କେଉଁଠି ଜୀବନ ଚାଲିଯିବ, ତାହା କହିବା ମୁସ୍କିଲ । ସହରର ଅଧିକାଂଶ ରାସ୍ତାରେ ନାହିଁ ଫୁଟପାଥ୍ । ଆଉ ଯେଉଁଠି ଫୁଟ୍‌ପାଥ ଅଛି ତାହାକୁ ସମ୍ବଲପୁର ମହାନଗର ନିଗମ ଜବରଦଖଲ କରିଛି । ସେଠି ସିଏମ୍‌ସି ବିଜ୍ଞାପନ ହୋର୍ଡିଂ ଲଗାଇଛି। ଏଭଳି ବିଚିତ୍ର ସ୍ଥିତି ସମ୍ବଲପୁର ସହରରେ ଦେଖିବାକୁ ମିଳୁଛି ।

ଏମିତି ରାସ୍ତା ଯେଉଁଠି ଚାଲିବେ ଯଦି ଜୀବନ ଯିବାର ଭୟ ଗାଡ଼ି ପାଇଁ ରାସ୍ତା ଅଛି, ପାଦ ପାଇଁ ପ୍ରତିରୋଧ । ସହରର ଯେତିକି



କଳେବର ବୃଦ୍ଧି ହେଉଛି, ପଦଚାରୀଙ୍କ ଅଧିକାର ସେତିକି ମରିମରି ଯାଉଛି । ସମ୍ବଲପୁର ସହରର ୯୦ ପ୍ରତିଶତ ରାସ୍ତାରେ ପଦଚାରୀଙ୍କ ପାଇଁ ନାହିଁ ଫୁଟପାଥ୍। ଆଉ ଯେଉଁଠି ଅଛି ସେଠି ବେଆଇନ୍ ଭାବରେ ଲାଗିଛି ବିଜ୍ଞାପନ ହୋର୍ଡିଂ। ଫୁଟପାଥ୍ ନଥିବାରୁ ରାସ୍ତାରେ ଛିଡ଼ା ହେଉଛନ୍ତି ଲୋକେ। ଜିଲ୍ଲାପାଳ ଅଫିସ ନିକଟରୁ ବ୍ୟସ୍ତବହୁଳ ଅଶୋକା ଟକିଜ୍ ଛକ। କେଉଁଠି ବି ନାହିଁ ଫୁଟପାଥ। ପୁଣି ଅଇଁଠାପାଲିରୁ ଫାଟକ ପର୍ଯ୍ୟନ୍ତ ସମାନ ଅବସ୍ଥା। ସହରର ସବୁଠି ଜବରଦଖଲ। ଯେଉଁଠି ନିଜେ ଏସଏମସି ଜବରଦଖଲ କରିଛି ସେଠି ଅନ୍ୟ ଲୋକଙ୍କୁ କ'ଣ କହିବ ?

ଏକ ଦୁର୍ଘଟଣା ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ନରସିହ୍ମା। ସେ କହିଛନ୍ତି, ଚାଲିବାର ସ୍ୱାଧୀନତା ହେଉଛି ଏକ ମୌଳିକ ଅଧିକାର। ନିରାପଦ ଓ ନିଶ୍ଚିନ୍ତ ଭାବେ ଚାଲିବା ମଣିଷର ମୌଳିକ ଅଧିକାର। ପୂର୍ବରୁ କେବଳ ଧନୀମାନଙ୍କ ପାଖରେ ଗାଡ଼ି ଥିଲା। ରାସ୍ତାରେ ଗରିବ ଶ୍ରେଣୀର ଲୋକେ ଚାଲିପାରୁଥିଲେ। ଏବେ ଅର୍ଥନୈତିକ ବିକାଶ ଓ ଶସ୍ତା ମୋଟରଯାନର ପ୍ରଚଳନ ଯୋଗୁଁ ରାସ୍ତାରେ ଆଉ ପଦଚାରୀଙ୍କ ପାଇଁ ସ୍ଥାନ ନାହିଁ। ତାଙ୍କୁ ରାସ୍ତାକଡ଼କୁ ଠେଲି ଦିଆଯାଇଛି। ଗାଡ଼ି ଚାଳକମାନେ ପଦଚାରୀଙ୍କୁ ଏକ ଅସୁବିଧା ଭଳି ଭାବୁଛନ୍ତି, ଯାହା ବନ୍ଦ ହେବା ଆବଶ୍ୟକ। ଏହାସହିତ ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ପଦଚାରୀଙ୍କୁ ମଧ୍ୟ ପର୍ଯ୍ୟାପ୍ତ ସ୍ଥାନ ମିଳିବା ଜରୁରୀ ବୋଲି କହିଛନ୍ତି ଜଷ୍ଟିସ ନରସିହ୍ମା। ଏହାସହିତ ୧୯୮୮ ମୋଟର ଭେହିକିଲ ଆକ୍ଟ ପଦଚାରୀଙ୍କ ଅଧିକାର କ୍ଷୁଣ୍ଣ କରୁଛି। ତେଣୁ ଏହାକୁ ସଂଶୋଧନ କରି ପଦାଚରୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ବଦଳିଲା ୬୪ ସ୍ଥାନର ଇଂରାଜୀ ଉଚ୍ଚାରଣ

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନମାନଙ୍କର ସଂଶୋଧିତ ଇଂରାଜୀ ବନାନ ସଙ୍କଳିତ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୬ ଜିଲ୍ଲାର ମୋଟ ୬୪ଟି ସ୍ଥାନର ଇଂରାଜୀ ଉଚ୍ଚାରଣକୁ ପରିବର୍ତନ କରାଯାଇଛି। କେବଳ ଇଂରାଜୀ ଉଚ୍ଚାରଣରେ ସଂଶୋଧନ କରାଯାଇଥିବା ବେଳେ ନାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏନେଇ ସୋମବାର ଦିନ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ବଦଳରେ ଅନୁଗୁଳ, ଖୋରଧା ବଦଳରେ ଖୋର୍ଦ୍ଧା , ବରଗର ବଦଳରେ ବଡଗଡ଼ ଉଚ୍ଚାରଣ କରାଯିବ। ସେହିପରି ଦେଓଗର ହୋଇଛି ଦେବଗଡ଼, କେନ୍ଦ୍ରାପରା ନୁହେଁ କେନ୍ଦ୍ରାପଡ଼ା , ଆଠଗର ହୋଇଛି ଆଠଗଡ଼।

# ଜୁନ ୨୯ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

**ବାରିପଦା, ୨୨/୬ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୌସୁମୀ ଆସିବା ଏବଂ ବର୍ଷା କାରଣରୁ ଜୁନ ୨୯ତାରିଖରୁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ। ବନ୍ଦ ସମୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ କୌଣସି ପର୍ଯ୍ୟଟକ ବା ସେମାନଙ୍କ ଗାଡି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ ବୋଲି ନିର୍ଦ୍ଦେଶାନାମାରେ ଉଲ୍ଲେଖ କରାଯାଇଛି। ତେବେ ଇକୋଟୁରିଜିମ କମ୍ପ୍ଲେକ୍ସ ଜାମୁଆଣି ଏବଂ ତଳବନ୍ଧ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ପ୍ରଦାନ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୦୬/୨୦୨୬
୫,୨୧,୦୯୩/- ଟଙ୍କା
ସୁନା:- ୦୦ଗ୍ରାମ୍ ୫୦୦ ମିଲିଗ୍ରାମ୍
ରୂପା:- ୬୧ଗ୍ରାମ୍ ୪୦୦ ମିଲିଗ୍ରାମ

# କଲ୍ୟାଣସିଂପୁର ଭିଡ଼ ହିଂସା ଘଟଣା : ଦୋଷୀଙ୍କୁ ମିଳିବ କଠୋର ଦଣ୍ଡ

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁରରେ ଘଟିଥିବା ବର୍ବରତା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି ।ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏହି ମାମଲାକୁ ରେଡ୍ ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି । ଏନେଇ ସିଏଡବ୍ଲୁ ଆଣ୍ଡ ସିଡବ୍ଲୁ ଏଡିଜି ଏସ୍. ସାଇନି ସୋମବାର ସାମ୍ବାଦିକ ସମ୍ମିଳନୀ କରି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ।ଏଡିଜି ସାଇନି କହିଛନ୍ତି, କଲ୍ୟାଣସିଂପୁରରେ ଯେଭଳି ଲଜ୍ଜିତ ଘଟଣା ଘଟିଛି, ଓଡ଼ିଶା ସେଭଳି ସ୍ଥାନ ନୁହେଁ ।ଏଭଳି ଘଟଣା ଆଉ ନ ହେଉ ବୋଲି ସମାଜର ସବୁ ବର୍ଗର ଲୋକେ



ସଚେତନ ହେବା ଦରକାର । ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଡିଜି ସାଇନି ଆହୁରି କହିଛନ୍ତି ଯେ, ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ ।ଏଭଳି ଘଟଣା ଆଗାମୀ ଦିନରେ ଯେଭଳି ନ ଘଟିବ, ସେଥିପାଇଁ ଚେଷ୍ଟା କରାଯିବ । ଏହି ଘଟଣାରେ ରାୟଗଡ଼ା ଜିଲ୍ଲା ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ।ତେବେ ପୀଡ଼ାତାଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଏହି ମାମଲାର ତଦନ୍ତ ଭଲଭାବରେ କରିବାକୁ ଆମେ ମନିଟରିଂ କରିବୁ । କୋର୍ଟରେ ଶୁଣାଣୀ ସମୟରେ ମଧ୍ୟ ଆମ ପକ୍ଷରୁ ତଦାରଖ କରାଯିବ । ଅଭିଯୁକ୍ତମାନଙ୍କୁ କିଭଳି କଠୋର ଦଣ୍ଡ ମିଳିବ, ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଏଡିଜି ସାଇନି କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି । ନ୍ୟାୟ ପାଇଁ 'ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ଦାଖଲ କରିଛନ୍ତି। କମିଶନଙ୍କ ଟିମ୍ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ତଦନ୍ତ ପାଇଁ ଓଡ଼ିଶାକୁ ଟିମ୍ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଅଣଓଡ଼ିଆ ପୀଡ଼ିତ ଓ ପୀଡ଼ିତାଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇଦେବାକୁ ମଧ୍ୟ ସୁବ୍ରତ ଦାବି କରିଛନ୍ତି । ଏହି ଅଭିଯୋଗକୁ କମିଶନଙ୍କ ପକ୍ଷରୁ ଗ୍ରହଣ କରାଯାଇ ଡାଏରି ନଂ. ୧୪୨୮୯/ ଆଇଏନ/୨୦୨୬ରେ ପଞ୍ଜୀକୃତ କରାଯାଇଛି। ଏହି ମାମଲାରେ ରାୟଗଡ଼ା ଜିଲ୍ଲାପାଳ, ଏସ୍‌ପି, ପୋଲିସ ଡିଜି, ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ବର୍ଷା ହେଲେ ବୁଡ଼ି ଯାଉଛି କଟକ ସହର

# ଡ୍ରେନ ଗୁଡ଼ିକରେ କୁଢ଼କୁଢ଼ ଅଳିଆ ଆବର୍ଜନା ସହ ପଙ୍କ ଭର୍ତ୍ତି ଯୋଗୁଁ ଉପୁଜୁଛି ସମସ୍ୟା

**କଟକ, ୨୨/୦୬ ନ୍ୟୁଜ ବ୍ୟୁରୋ**

ବର୍ଷାରେ ବେହାଲ କଟକ ସହର । ଡ୍ରେନ ଗୁଡ଼ିକରେ କୁଢ଼କୁଢ଼ ଅଳିଆ ଆବର୍ଜନା ସହ ପଙ୍କ ଭର୍ତ୍ତି ହୋଇଥିବାରୁ ଏଭଳି ଜଳବନ୍ଦୀ ସମସ୍ୟା ଉପୁଜୁଛି । ତେବେ ବର୍ଷା ଦିନ ଆରମ୍ଭରୁ ଏଭଳି ସମସ୍ୟା ସହରବାସୀଙ୍କୁ ଚିନ୍ତା ବଢ଼ାଇଦେଇଛି। ଖରା ଦିନରେ ଠିକ୍ ଭାବରେ ଡ୍ରେନ ସଫା ହୋଇ ନପାରିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଯାହା ଫଳରେ ଆଗକୁ ସହରବାସୀ ଜଳବନ୍ଦୀ ସମସ୍ୟାରେ ହନ୍ତସନ୍ତ ହେବେ ବୋଲି ଏବେଠୁ ଜଳଜଳ ଦିଶୁଛି। ଏ କେବଳ ଗୋଟିଏ ବର୍ଷର ସମସ୍ୟା ନୁହେଁ, ପ୍ରତିବର୍ଷ ବର୍ଷା ଦିନରେ ଏଭଳି ସ୍ଥିତି ଉପୁଜୁଛି। ବିଶେଷ କରି ରକ୍ସି ଲେନ, ମେରିଆ ବଜାର, ଫ୍ରେଣ୍ଡସ୍ କଲୋନି, ସାମନ୍ତପୁର ସମେତ ଅନେକ ଜାଗାରେ ଘଣ୍ଟା ଘଣ୍ଟା ଧରି ପାଣି ଜମା ହୋଇ ରହିଥାଏ। ଫଳରେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । କଟକ ସହରରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ବକ୍ସ ଡ୍ରେନ ନିର୍ମାଣ ହେଲା। କିନ୍ତୁ ବକ୍ସ ଡ୍ରେନଗୁଡ଼ିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହୁଛି। ଯାହା ଫଳରେ ବର୍ଷା ହେଲେ ଠିକ୍ ଭାବେ ଡ୍ରେନରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ତେବେ ଆଗକୁ ଜଳ ନିଷ୍କାସନ ଚିନ୍ତା ବଢ଼ାଇବ। ସେପଟେ ମେୟର କହିଛନ୍ତି, କଟକ ସହର ତଳିଆ ଅଞ୍ଚଳରେ ରହିଛି। ତେଣୁ ପାଣି ଜମିବା ସ୍ୱାଭାବିକ। ମାତ୍ର କେତେ ଜଲଦି ଜଳ ନିଷ୍କାସନ କରାଯାଇପାରିବ ସେ ସେନେଇ ବ୍ୟବସ୍ଥା କରାଯାଉଛି ।

# ବିରୂପା ନଦୀରେ ବୁଡ଼ି ଯୁବକ ନିଖୋଜ

**କଟକ, ୨୨/୦୬ ନ୍ୟୁଜ ବ୍ୟୁରୋ**

କଟକ ବିରୂପା ନଦୀରେ ବୁଡ଼ି ଯୁବକ ନିଖୋଜ। କଟକ ଏସସିବି ମେଡିକାଲର ସମ୍ପ୍ରସାରଣ କାମରେ କାର୍ଯ୍ୟରତ ଶ୍ରମିକ ବିରୂପା ନଦୀରେ ଗାଧୋଉଥିବା ସମୟରେ ପାଣି ବୁଡ଼ି ନିଖୋଜ ହୋଇ ଯାଇଥିଲେ। ପରେ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଗତକାଲି ଖଟଞ୍ଜ ଠିକା ସଂସ୍ଥାର ଅସ୍ଥାୟୀ ବସ୍ତିରେ ରହୁଥିବା ଚାରିଜଣ ଯୁବକ ବିରୂପା ନଦୀରେ ଗାଧୋଉଥିବା ସମୟରେ ଗଭୀର ଜଳ ରେ ବୁଡ଼ି ଯାଇଥିଲେ। ୩ ଜଣ ଯୁବକ ପଁହଁରି ପହଁରି କୂଳକୁ ଫେରିଆସିଥିବା ବେଳେ ଜଣେ ଯୁବକ ପାଣିରେ ସ୍ରୋତରେ ଭାସି ଯାଇଥିଲା। ସୂଚନା ଅନୁସାରେ ଯୁବକର ଘର କୋରାପୁଟ ଜିଲ୍ଲା ବଡ଼ ନେରେକା ଲକ୍ଷ୍ମୀ ପୁର ହୋଇଥିବା ବେଳେ ତାର ନାଁ ଜୋଥେସ ପ୍ରେପେକା ବୋଲି ଜଣା ପଡ଼ିଛି। ଆଜି ଚୌଦ୍ୱାର ଦମକଳ ବାହିନୀ ଅକ୍ଲାନ୍ତ ପରିଶ୍ରମ ପରେ ବି ମିଳି ପାରିନି ଯୁବକର ସନ୍ଧାନ। ଏପର୍ଯ୍ୟନ୍ତ ଦମକଳ ବାହିନୀର ଗୋଟେ ଟିମ ଓ ଓଡ୍ରାପର ଗୋଟେ ଟିମ୍ ଖୋଜା ଖୋଜି ଜାରି ରଖିଛନ୍ତି।

# ଏସଏଚଭିଆରରେ ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ଟି ବିଦ୍ୟାଳୟକୁ ଚୟନ କରାଯାଇଛି । ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି। ସ୍ୱଚ୍ଛ ଏବଂ ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ । ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମାଙ୍ଗାଲୁରୁରେ ଓଏନ୍‌ଜିସି କରିବ ତୈଳଭଣ୍ଡାର: ୧୫ ହଜାର କୋଟି ନିବେଶ ଯୋଜନା

**ନୂଆଦିଲ୍ଲୀ, ୨୨/୦୬**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଅଶୋଧିତ ତେଲ ନେଇ ବଡ଼ ସଂକଟ ଦେଖାଦେଇଛି । ଭବିଷ୍ୟତରେ ସଂକଟର ମୁକାବିଲା ପାଇଁ ଦେଶରେ ତୈଳ ଭଣ୍ଡାର ବଢ଼ାଇବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ଓଏନ୍‌ଜିସିକୁ ମାଙ୍ଗାଲୁରୁରେ ପାହାଡ଼ ତଳେ ଏକ ତୈଳ ଭଣ୍ଡାର ନିର୍ମାଣ କରିବା ଯୋଜନା କରୁଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ହେବାକୁ ଥିବା ଏହି ତୈଳ ଭଣ୍ଡାର ପାଇଁ ଓଏନ୍‌ଜିସିକୁ ପ୍ରାୟ ୧୫ ହଜାର କୋଟି ଟଙ୍କା ନିବେଶ କରିବାକୁ ପଡ଼ିପାରେ। ଏହି ପ୍ରକଳ୍ପରେ ତେଲ ଗଚ୍ଛିତ ରଖିବା କ୍ଷମତା ୧.୭୫ ନିୟୁତ ଟନ୍ ରହିବ। ଦେଶରେ ବର୍ତ୍ତମାନ ମୋଟ ୫.୩୩ ନିୟୁତ ଟନ୍ ଅଶୋଧିତ ତେଲ ଗଚ୍ଛିତ ରହିବା ସୁବିଧା ରହିଛି। ନୂଆ ପ୍ରକଳ୍ପ ହେଲେ ଏହି କ୍ଷମତା ଆହୁରି ବଢ଼ିଯିବ।

ଉକ୍ତ ପ୍ରକଳ୍ପ ପାଇଁ ଓଏନ୍‌ଜିସି ପାଖରେ ଜମି ରହିଛି। ତେଣୁ ଭଣ୍ଡାର ନିର୍ମାଣରେ କମ୍ପାନିକୁ ୫ ହଜାର କୋଟି ଟଙ୍କା ଏବଂ ତେଲ ଗଚ୍ଛିତ ରଖିବା ବାବଦରେ ୧୦ ହଜାର କୋଟି ଟଙ୍କା ନିବେଶ କରିବାକୁ ପଡ଼ିବ। ତେବେ ଓଏନ୍‌ଜିସିର ଏହି ପ୍ରକଳ୍ପ ବାଣିଜ୍ୟିକ ଭାବେ ବ୍ୟବହାର କରାଯିବ କିମ୍ବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ (ଏସ୍‌ପିଆର) ଭାବେ ଉପଯୋଗ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ଦେଶରେ ୩ଟି ଏସ୍‌ପିଆର ରହିଛି। ସେଥିପାଇଁ ସରକାର ପାଣ୍ଠି ଯୋଗାଇ ଦେଇଛନ୍ତି। ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍



ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭସ ଲିମିଟେଡ୍ (ଆଇଏସ୍‌ପିଆରଏଲ୍)ର ମାଲିକାନାରେ ଏଗୁଡ଼ିକ ପରିଚାଳିତ ହେଉଛି। ସେଥିରୁ ଗୋଟିଏ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା (୧.୩୩ ନିୟୁତ ଟନ୍)ରେ ଥିବାବେଳେ ଅନ୍ୟ ଦୁଇଟି କର୍ଣ୍ଣାଟକର ମାଙ୍ଗାଲୁରୁ (୧.୫ ନିୟୁତ ଟନ୍) ଓ ପାଦୁର (୨.୫ ନିୟୁତ ଟନ୍)ରେ ରହିଛି।

ଭାରତ ସଂପ୍ରତି ଦୈନିକ ୫ ନିୟୁତ ବ୍ୟାରେଲ୍ ଅଶୋଧିତ ତେଲ ବ୍ୟବହାର କରୁଛି। କିନ୍ତୁ ଏସ୍‌ପିଆରଗୁଡ଼ିକରେ ତେଲ ଗଚ୍ଛିତ ରହିବାର କ୍ଷମତା ୫.୩୩ ନିୟୁତ ଟନ୍ ରହିଛି। ଏହା ପ୍ରାୟ ୩୯ ନିୟୁତ ବ୍ୟାରେଲ୍ ସହ ସମାନ। ତେବେ ଅନେକ ସମୟରେ ଭାରତ ଏହି ଭଣ୍ଡାର ପୂର୍ଣ୍ଣ କ୍ଷମତା ମୁତାବକ ତେଲ ଗଚ୍ଛିତ ରଖି ନଥାଏ। ୨୦୨୫ ମସିହା ଶେଷ ସୁଦ୍ଧା ଦେଶର ଏହି ଭଣ୍ଡାର ୩ଟିରେ ୨୧ ନିୟୁତ ବ୍ୟାରେଲ୍‌ର ଅଶୋଧିତ ତେଲ ରହିଥିଲା। କିନ୍ତୁ ଚୀନରେ ଏହି ପରିମାଣ ୧୩୯୭ ନିୟୁତ ବ୍ୟାରେଲ୍ ହୋଇଥିବାବେଳେ ଆମେରିକାର ୪୧୩ ନିୟୁତ ବ୍ୟାରେଲ୍ ଏବଂ ଜାପାନର ୨୬୩ ନିୟୁତ ବ୍ୟାରେଲ୍ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ଶକ୍ତି ସୂଚନା ପ୍ରଶାସନ ତଥ୍ୟରୁ ଜଣାଯାଇଛି। ଏସ୍‌ପିଆର ସଂପ୍ରସାରଣର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର ସରକାର ୨୦୨୧ ମସିହାରେ ମଞ୍ଜୁରି ଦେଇଥିଲେ। ସେଥିରୁ ଗୋଟିଏ ଚଣ୍ଡିଖୋଲରେ ଏବଂ ଅନ୍ୟଟି କର୍ଣ୍ଣାଟକର ପାଦୁରରେ। ଚଣ୍ଡିଖୋଲ ତୈଳ ଭଣ୍ଡାରର କ୍ଷମତା ୪ ନିୟୁତ ଟନ ଏବଂ ପାଦୁର ତୈଳ ଭଣ୍ଡାରର କ୍ଷମତା ୨.୫ ନିୟୁତ ଟନ ରହିବ। ଗତବର୍ଷ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ ପାଦୁର ତୈଳ ଭଣ୍ଡାରର ନିର୍ମାଣ କାର୍ଯ୍ୟ ହାସଲ କରିଛି। ଅନ୍ୟପଟେ ଚଣ୍ଡିଖୋଲ ତୈଳ ଭଣ୍ଡାର ପାଇଁ ଆବଶ୍ୟକ ଜମି ନିକଟରେ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଡଙ୍କାରି ପାହାଡ଼ ଅଞ୍ଚଳରେ ପ୍ରାୟ ୪୦୦ ଏକର ଜମିରେ ଏହି ପ୍ରକଳ୍ପ ସ୍ଥାପନ ହେବ।